Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 193
Friday, 18 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୮ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବିକଶିତ ଭାରତର ବିନ୍ଧାଣୀ ପ୍ରଧାନମନ୍ତ୍ରୀ ମୋଦି

ଭୁବନେଶ୍ୱର, ୧୭/୯ (ଆ.ପ୍ର) : ରକ୍ତଦାନ କରି ଗୋଟିଏ ଜୀବନ ବଂଚାଇବାର ଅନୁଭବ ଆମର ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ପ୍ରଦାନ କରିଥାଏ । ବିଜ୍ଞାନ ଯେତେ ଆଗେଇଲେ ମଧ୍ୟ ରକ୍ତର କୌଣସି ବିକଳ୍ପ ନାହିଁ ଏବଂ ଏହା କୌଣସି କାରଖାନାରେ ତିଆରି ହୋଇପାରିବ ନାହିଁ,' ବୋଲି 'ସେବା ସଂକଳ୍ପ ଅଭିଯାନ' ଅବସରରେ ୟୁନିଟ-୩ ସ୍ଥିତ ଇଡକ୍କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ମେଗା-ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି । ଏହି ପୂର୍ବରୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଏକ ଅଶୋକ ଗଛର ଚାରା ମଧ୍ୟ ରୋପଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକଶିତ ଭାରତର ବିନ୍ଧାଣୀ ମୋଦୀଙ୍କ ଦୀର୍ଘ ୫୦ ବର୍ଷର ଜନସେବା ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଶାସନ ଦେଶରେ କାୟାକଳ୍ପ ଆଣିଛି । ତାଙ୍କର ଏହି କଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ପାଳିତ ହେଉଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାନବସେବା ଓ ତ୍ୟାଗର ଏକ ବିରାଟ ଜନ-ଆନ୍ଦୋଳନ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ରକ୍ତ ଅଭାବରୁ ଯେପରି କୌଣସି ଜୀବନ ଅସମୟରେ ଝଡ଼ି ନପଡ଼େ, ସେଥିପାଇଁ ସରକାର ସଂକଳ୍ପବଦ୍ଧ । ଆଜିର

ରକ୍ତଦାନ ଶିବିରରେ ୬,୫୦୦ ୟୁନିଟ୍ରୁ ଅଧିକ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ରକ୍ତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୦୨୬-୨୭ ବଜେଟ୍ରେ ୫୦ କୋଟି ୫୪ ଲକ୍ଷ ଟଙ୍କାର ବ୍ୟୟବରାଦ ସହ 'ଅଟଳ ରକ୍ତଦାନ ଅଭିଯାନ' ଆରମ୍ଭ କରାଯାଇଛି । ଏହା ଅଧୀନରେ ନୂତନ ମେଡିକାଲ କଲେଜଗୁଡ଼ିକରେ ରକ୍ତଭଣ୍ଡାର ସ୍ଥାପନ ଏବଂ ପୁରୁଣା ରକ୍ତଭଣ୍ଡାରଗୁଡ଼ିକର ଆଧୁନିକୀକରଣ କରାଯାଉଛି । ଦେଶର ବିକାଶ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ପ୍ରଭାବଶାଳୀ ଭୂ-ରାଜନୈତିକ ଓ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି । ପ୍ରତିରକ୍ଷା ଆମଦାନୀ ୭୦% ରୁ ହ୍ରାସ ପାଇ ୩୫% ରେ ପହଂଚିବା ସହ ସେମିକଣ୍ଡକ୍ଟର ଓ ସ୍ପେସ୍ ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେଉଛି । ୨୦୪୭ ପୂର୍ବରୁ ବିକଶିତ ଭାରତର ଲକ୍ଷ୍ୟ ହାସଲ ହେବା ସୁନିଶ୍ଚିତ । ସେହିପରି ରାଜ୍ୟର ଯୁବଶକ୍ତିଙ୍କୁ ଆହ୍ୱାନ ଦେଇ ସେ କହିଥିଲେ ଯେ, ଯୁବବର୍ଗ ନିଜ ଦୈନନ୍ଦିନ ଜୀବନରୁ କିଛି ସମୟ କାଢ଼ି ସମାଜସେବାରେ ନିୟୋଜିତ ହେବା ସହ ଦେଶସେବା ପାଇଁ ବ୍ରତୀ ହେବା ହିଁ ମୋଦୀଜୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି ଅବସରରେ ନଗର ଉନ୍ନୟନ, ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଆଜିର ଦିନଟି କୌଣସି ସାଧାରଣ ଦିବସ ନୁହେଁ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୀର୍ଘ ୨୫ ବର୍ଷର ନିସ୍ୱାର୍ଥପର ସେବା ଓ ସଂକଳ୍ପକୁ ସ୍ମରଣ କରିବାର ଏହା ଏକ ପବିତ୍ର ଅବସର । ଜଣେ ବ୍ୟକ୍ତିର ମୂଲ୍ୟବାନ୍ ଜୀବନ ବଂଚାଇବା ପାଇଁ ରକ୍ତଦାନ ଅତ୍ୟନ୍ତ ଆବଶ୍ୟକ, ସେଥିପାଇଁ ଆମ ସମସ୍ତଙ୍କ ମଧ୍ୟରେ ସେବା ଓ ସମର୍ପଣ ଭାବନା ରହିବା ଦରକାର । ଆଜି ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିର ରାଜ୍ୟରେ ରକ୍ତ ସଂଗ୍ରହ କ୍ଷେତ୍ରରେ ଏକ ନୂତନ ରେକର୍ଡ ସୃଷ୍ଟି କରିବ ବୋଲି ସେ ଦୃଢ଼ ପ୍ରକାଶ କରିଥିଲେ । ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ଜଣେ ଜନପ୍ରତିନିଧି ଭାବେ କ୍ରମାଗତ ୨୫ ବର୍ଷ ଧରି ସଫଳତାର ସହ କାର୍ଯ୍ୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିଛନ୍ତି । ସାଧାରଣ ଲୋକଙ୍କ ନିରବଚ୍ଛିନ୍ନ ସେବା ପାଇଁ ସେ ଆଜି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, ଯାହାକୁ ସ୍ମରଣ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କୋଭିଡ୍-୧୯ ମହାମାରୀ ପରଠାରୁ ରକ୍ତଭଣ୍ଡାରଗୁଡ଼ିକରେ ଯେଉଁ ରକ୍ତର ଅଭାବ ଦେଖାଦେଇଥିଲା, ଆଜିର ଏହି ବିଶାଳ ରକ୍ତଦାନ ଶିବିର ସେହି ଆବଶ୍ୟକତାକୁ ପୂରଣ କରିବାରେ ବେଶ୍ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଉଦଲି ବିଧାୟକ ଭାସ୍କର ଆଚାର୍ଯ୍ୟ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଯୁବନେତା ଅଭିଲାଷ ପଣ୍ଡା, ଦଳର ବରିଷ୍ଠ ନେତୃବୃନ୍ଦ, ରକ୍ତଦାତା, ଯୁବ ସ୍ୱେଚ୍ଛାସେବୀ ଏବଂ ଗଣମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ ।

ଲୋକସେବା ଭବନରେ ବ୍ୟାନ୍ ହେଲା ତମାଖୁ

ଭୁବନେଶ୍ୱର, ୧୭/୯ (ଆ.ପ୍ର) :ରାଜ୍ୟ ପ୍ରଶାସନର ପ୍ରାଣକେନ୍ଦ୍ର ଭାବେ ପରିଚିତ ଲୋକସେବା ଭବନ ଏଣିକି ସମ୍ପୂର୍ଣ୍ଣ 'ତମାଖୁମୁକ୍ତ ପରିସର' ହେବ । ଜନସ୍ୱାସ୍ଥ୍ୟ ସୁରକ୍ଷା, ପରିବେଶ ସ୍ୱଚ୍ଛତା ଓ କର୍ମଚାରୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁସାରେ, ଲୋକସେବା ଭବନ ପରିସର ମଧ୍ୟରେ ସମସ୍ତ ପ୍ରକାର ଧୂମପାନ, ଗୁଟଖା ବା ତମାଖୁ ସେବନ ଓ ଛେପ ପକାଇବାକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି । ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ ଲାଗୁ ହେବ । ତମାଖୁ ସେବନ ଯୋଗୁ କ୍ୟାନସର, ହୃଦରୋଗ ଓ ଫୁସଫୁସଜନିତ ଗୁରୁତର ଅଣସଂକ୍ରାମକ ରୋଗ ସଂକ୍ରମଣ ବୃଦ୍ଧି ପାଉଛି । ଏହି ଅଭ୍ୟାସ ଯୋଗୁଁ ସମଗ୍ର ଦେଶରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗର ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ଏହି ଭୟାବହତାକୁ ରୋକିବା ପାଇଁ ସରକାର ପ୍ରଶାସନିକ ସ୍ତରରୁ ଏହି କଟକଣା ଆରମ୍ଭ କରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ 'ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ' ତଥା 'ନିଶାମୁକ୍ତ ଭାରତ ଅଭିଯାନ'ର ଆଦର୍ଶକୁ ଆଗକୁ ନେବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ତମାଖୁ ସେବନ ବିରୋଧୀ ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯାଉଛି । ଲୋକସେବା ଭବନକୁ ଏକ ଆଦର୍ଶ, ନିର୍ମଳ ଓ ସୁସ୍ଥ କାର୍ଯ୍ୟସ୍ଥଳୀ ଭାବେ ଗଢ଼ିତୋଳି ଆଗାମୀ ପିଢ଼ି ପାଇଁ ଏକ ଉତ୍ତମ ବାର୍ତ୍ତା ଦେବା ସହ ଆଗାମୀ ଦିନରେ ଏହି ଅଭିଯାନକୁ ସମଗ୍ର ରାଜ୍ୟରେ ଆହୁରି ବ୍ୟାପକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ଲୋୟର ପିଏମ୍‌ଜିରେ କନିଷ୍ଠ ଶିକ୍ଷକଙ୍କ ଗର୍ଜନ

ଭୁବନେଶ୍ୱର, ୧୭/୯ (ଆ.ପ୍ର) : ଚାକିରି ନିୟମିତ ଓ ସ୍ଥାୟୀକରଣ ଦାବିରେ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜିଠାରେ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଧାରଣାରେ ବସିଛନ୍ତି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ୧୩ରୁ ୧୪ ହଜାର କନିଷ୍ଠ ଶିକ୍ଷକ ଏହି ଆନ୍ଦୋଳନରେ ସାମିଲ ହୋଇ ସରକାରଙ୍କ ବିରୋଧରେ ଗର୍ଜନ କରିଛନ୍ତି । ଗତ ଏପ୍ରିଲ ମାସରେ ରାଜ୍ୟ ସରକାର କନିଷ୍ଠ ଶିକ୍ଷକମାନଙ୍କୁ ସ୍ଥାୟୀ କରାଯିବ ବୋଲି ବାଦ୍ୟାପ୍ତ କରିଥିଲେ । ମାତ୍ର ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉନଥିବାରୁ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ସରକାରଙ୍କ ଏହି ସ୍ଥାୟୀକରଣ ପ୍ରକ୍ରିୟାରେ କିଛି ତ୍ରୁଟି ରହିଥିବା ଦର୍ଶାଇ ମାନ୍ୟବର ହାଇକୋର୍ଟ ଏହାପରେ ରହିତାଦେଶ ଲଗାଇଛନ୍ତି । କିଭଳି ଭାବରେ ୧୪ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା, ସେନେଇ କୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସରକାରଙ୍କ ପକ୍ଷରୁ ସଠିକ୍ ସମୟରେ ସତ୍ୟପାଠ ଦାଖଲ କରାଯାଇ ନଥିବାରୁ ମାମଲାଟି ଜଟିଳ ହେବାରେ ଲାଗିଛି । ରାଜରାସ୍ତାରେ ଶିକ୍ଷକମାନଙ୍କ ଏହି ଧାରଣା ଯୋଗୁଁ ରାଜଧାନୀର ରାଜନୈତିକ ଏବଂ ପ୍ରଶାସନିକ ମହଲରେ ଚାଂଚଲ୍ୟ ସୃଷ୍ଟି ହୋଇଛି । ଶିକ୍ଷକମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଶୀଘ୍ର ଏହାର ସମାଧାନ ନହୁଏ, ତେବେ ଆନ୍ଦୋଳନ ଅଗକୁ ଆହୁରି ଜୋରଦାର କରାଯିବ ।

ଡବଲ୍ ମର୍ଡର: ୧୨ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଗଜପତି, ୧୭/୯ (ଆ.ପ୍ର) : ଏକ ଡବଲ ମର୍ଡର ମାମଲାରେ ୧୨ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଗଜପତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହର ପ୍ରସାଦ ପଟ୍ଟନାୟକ । ଗତ ୨୦୨୧ ମସିହା ଜୁନ ୧୨ ତାରିଖ ସନ୍ଧ୍ୟାରେ ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ପୁଟାଗୁଡ଼ା ଗାଁର ଲୁକା ଦଳବେହେରାଙ୍କୁ ଗୁଣିଆ ସନ୍ଦେହରେ ଗାଁ ଲୋକେ ଆକ୍ରମଣ କରିଥିଲେ । ଏହାର ପ୍ରତିବାଦ କରିବାରୁ ଲୁକା ଦଳବେହେରାଙ୍କ ପୁଅ ଅନୁଖ ଦଳବେହେରାଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା । ପ୍ରଥମେ ଆକ୍ରମଣକାରୀମାନେ ଉଭୟ ବାପପୁଅ ମରିଗଲେ ଭାବି ଛାଡ଼ିଦେଇଥିଲେ । ହେଲେ ପରବର୍ତ୍ତୀ ସମୟରେ ସେମାନେ ବଂଚିଥିବା ଜାଣି ପୁଣି ବିଷ ଦେଇ ହତ୍ୟା କରିଥିଲେ । ଏନେଇ ଅଡବା ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଜସୁଆ ଗମାଙ୍ଗଙ୍କ ସମେତ ଅନ୍ୟ ୧୧ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର, ୧୭/୯ (ଆ.ପ୍ର) : ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ । ମୀନାଙ୍କ ଇସ୍ତଫା ଗ୍ରହଣ କଲେ କେନ୍ଦ୍ର ସରକାର । ସେ ସ୍ୱଇଚ୍ଛାରେ ଇସ୍ତଫା ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ । ରାଜ୍ୟ ସରକାର ଗୃହ ମନ୍ତ୍ରାଳୟକୁ ସୁପାରିସ କରିଥିଲେ । ଏବେ ଇସ୍ତଫାକୁ ଗ୍ରହଣ କଲେ କେନ୍ଦ୍ର ସରକାର । ସୂଚନା ଥାଉକି, ୨୦୧୩ ବ୍ୟାଚ୍ ର IPS ଜଗମୋହନ ମୀନା କଟକ ଡିସିପି, ଅନୁଗୁଳ ଓ ଗଞ୍ଜାମ ଏସ୍ପି ଭାବେ କାମ କରିଥିଲେ । ୨୦୨୫ ଫେବୃଆରୀରେ ଭୁବନେଶ୍ୱର ଡିସିପି ଭାବେ ଯୋଗ ଦେଇଥିଲେ । ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିଲେ । ରାଜ୍ୟ ସରକାର ଗୃହ ମନ୍ତ୍ରାଳୟକୁ ସୁପାରିସ କରିଥିଲେ

। ଏବେ କେନ୍ଦ୍ର ସରକାର ଇସ୍ତଫାକୁ ଗ୍ରହଣ କରିଛନ୍ତି । ଚାକିରି ଛାଡ଼ିବା ପରେ ମୀନା ଘରୋଇ ସେକ୍ଟରରେ ଚାକିରି କରିପାରନ୍ତି । ସୂଚନା ଥାଉକି, ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟ ରଞ୍ଜନ ହତ୍ୟା ମାମଲାରେ କମିଶନରେଟ୍ ପୁଲିସ ଦୁର୍ନାମ ମୁଣ୍ଡାଇଥିବା ବେଳେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । ମୀନାଙ୍କ ହଠାତ୍ ଇସ୍ତଫା ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଇସ୍ତଫା ଦେବା ପରେ ମୀନା କହିଥିଲେ ଯେ, ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଉଛି । ରାଜ୍ୟବାସୀଙ୍କ ସେବା କରି ନିଜକୁ ସନ୍ତୁଷ୍ଟି ମନେ କରୁଛି । କାର୍ଯ୍ୟ ସମୟରେ ସେମିତି କୌଣସି ପ୍ରେସର୍ ନଥିଲା । ଓଡ଼ିଶାବାସୀଙ୍କ ସେବା କରି ମୁଁ ବହୁତ୍ ଖୁସି । ଓଡ଼ିଶାର ଲୋକ ବହୁତ୍ ଭଲ । ରାଜ୍ୟ ସରକାର ତାଙ୍କୁ ବିଶ୍ୱାସ କରି ସେବା କରିବାର ସୁଯୋଗ ଦେଇଥିବାରୁ ଓଡ଼ିଶାର ସରକାରଙ୍କୁ ଧନ୍ୟବାଦ୍ ।

ସିବିଏସ୍‌ଇ ତ୍ରି-ଭାଷା ନୀତି: ଷଷ୍ଠ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ବିକଳ୍ପ ସୁଯୋଗ ଦେବାକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

ନୂଆଦିଲ୍ଲୀ, ୧୭/୯(ନ୍ୟୁ.ଏ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପ୍ରଣୀତ ''ତ୍ରି-ଭାଷା ନୀତି'' (ଥ୍ରୀ-ଲାଙ୍ଗୁଏଜ୍ ପଲିସି) ଲାଗୁ କରିବା ନେଇ ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ଚଳିତ ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଏହି ନୂତନ ଭାଷା ନୀତିକୁ ବାଧ୍ୟତାମୂଳକ ନକରି ଏଥିରୁ ଆଂଶିକ ଛାଡ଼ କିମ୍ବା ସ୍ୱେଚ୍ଛାକୃତ ବିକଳ୍ପ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ସିବିଏସଇକୁ ପରାମର୍ଶ ଦେଇଛନ୍ତି । ଏହାଦ୍ୱାରା ଶିକ୍ଷାର୍ଥୀ ଏବଂ ସେମାନଙ୍କ ଅଭିଭାବକମାନେ ନୂତନ ପାଠ୍ୟକ୍ରମ ସହ ନିଜକୁ ଖାପଖୁଆଇବା ପାଇଁ ପର୍ଯ୍ୟାପ୍ତ ସମୟ ପାଇପାରିବେ । ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଶିକ୍ଷାର୍ଥୀମାନଙ୍କ ମାନସିକ ଚାପ କମାଇବା ଓ ସେମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବ ଦିଆଯାଉଛି । ତେବେ ଏହା ନୀତିର ବୈଧତା ଉପରେ କୌଣସି ଅନ୍ତିମ ନିଷ୍ପତ୍ତି ନୁହେଁ । କୋର୍ଟଙ୍କ ପ୍ରସ୍ତାବ ଅନୁସାରେ, ତୃତୀୟ ଭାଷାର ବାଧ୍ୟତାମୂଳକ ନିୟମକୁ ପରବର୍ତ୍ତୀ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ କରାଯାଇପାରେ । ସେହିପରି ଯେଉଁ ଶିକ୍ଷାର୍ଥୀମାନେ ଚଳିତ ବର୍ଷରୁ ହିଁ ତିନୋଟି ଭାଷା ପଢ଼ିବାକୁ ଆଗ୍ରହୀ, ସେମାନଙ୍କୁ ସେହି ସୁଯୋଗ ମଧ୍ୟ ଦିଆଯିବା ଉଚିତ୍ । ସିବିଏସଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟି କୋର୍ଟଙ୍କୁ ଜଣାଇଛନ୍ତି ଯେ, ବୋର୍ଡ ଏହି ପରାମର୍ଶ ଉପରେ ଗମ୍ଭୀରତାର ସହ ବିଚାର କରି ନିଜର ପକ୍ଷ ରଖିବ । ସୂଚନାଯୋଗ୍ୟ ଯେ, ସିବିଏସଇର ନୂଆ ଫ୍ରେମୱାର୍କ ଅନୁସାରେ ନବମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ତିନୋଟି ଭାଷା (ଯେଉଁଥିରେ ଅନ୍ତତଃ ଦୁଇଟି ଭାରତୀୟ ଭାଷା) ଏବଂ ଷଷ୍ଠ ଶ୍ରେଣୀ ପାଇଁ ଦୁଇଟି ଭାରତୀୟ ଭାଷା ପଢ଼ିବା ବାଧ୍ୟତାମୂଳକ କରାଯାଇଛି । ବୋର୍ଡ ପକ୍ଷରୁ ଓଡ଼ିଆ, ହିନ୍ଦୀ, ସଂସ୍କୃତ, ତାମିଲ, ତେଲୁଗୁ, ବଙ୍ଗଳା ଆଦିକୁ ଭାରତୀୟ ଭାଷା ଏବଂ ଇଂରାଜୀ, ଫ୍ରେଂଚ, ଜର୍ମାନ ଆଦିକୁ ଅଣ-ଭାରତୀୟ ଭାଷା ଭାବେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ନୀତିର ବାଧ୍ୟତାମୂଳକ କାର୍ଯ୍ୟକାରିତାକୁ ଆହ୍ୱାନ କରି ଆଗତ ହୋଇଥିବା ଆବେଦନ ଉପରେ କୋର୍ଟ କେନ୍ଦ୍ର ସରକାର, ସିବିଏସଇ ଓ ଏନସିଇଆରଟିକୁ ନୋଟିସ୍ ଜାରି କରିଛନ୍ତି ।

ପୁଣି ଘୁଂଚିଲା ଡିଜିପି ନିଯୁକ୍ତି ମାମଲାର ଶୁଣାଣି

ଭୁବନେଶ୍ୱର, ୧୭/୯ (ଆ.ପ୍ର) : ପୁଣି ଘୁଂଚିଲା ଡିଏଚ ମାମଲାର ସୁପ୍ରିମକୋର୍ଟରେ ଶୁଣାଣି । ଆସନ୍ତା ୨୨ତାରିଖରେ ହେବ ପରବର୍ତ୍ତୀ ଶୁଣାଣି । ଆଜିର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଏବଂ ଡିଜି ଚୟନ ସମ୍ପୂର୍ଣ୍ଣ ଆଇନ ସମ୍ମତ । ଏଥିରେ କୌଣସି ବ୍ୟତିକ୍ରମ ହୋଇ ନାହିଁ ବୋଲି କହିଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ । ଡିଜିପି ଭାବେ କିଏ ନିଯୁକ୍ତି ପାଇବେ ତାହା ସରକାରଙ୍କ ଶେଷ ନିଷ୍ପତ୍ତି । ଏଥିରେ କୌଣସି ଅଫିସରଙ୍କ ଅଧିକାର ଦାବି କରିବା ଅବାଂଚନୀୟ ।

ପ୍ରଧାନମନ୍ତ୍ରୀଙ୍କ ନିରାମୟ ଜୀବନ କାମନା କରି ଘରେ ଘରେ ଜଳିଲା 'ଆଶୀର୍ବାଦର ଦୀପ'

ଭୁବନେଶ୍ୱର, ୧୭/୯ (ପିଆଇବି) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଶାସନକାଳରେ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି । ଦେଶ ଆଜି ପ୍ରଗତି ପଥରେ ଆଗେଇ ଚାଲିଛି । ମୋଦିଜୀ ନିରନ୍ତର ଭାବେ ଗତ ୫୦ବର୍ଷର ସାଧାରଣ ଜୀବନ ଏବଂ ୨୫ ବର୍ଷ ଧରି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ଯେଉଁ ଭଳି

ସୁଶାସନ ଦେଇଛନ୍ତି ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । ମୋଦିଜୀ ନିଷ୍ଠାର ସହ ଜନ ସେବା କରି ଦେଶର କେବଳ ଅର୍ଥନୈତିକ ଶକ୍ତି ବୃଦ୍ଧି କରିନାହାନ୍ତି, ସାରା ବିଶ୍ୱରେ ଭାରତର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ମହିଳା, କୃଷକଠାରୁ ଆରମ୍ଭ କରି ଆଦିବାସୀଙ୍କ ପର୍ଯ୍ୟନ୍ତ ସବୁ ବର୍ଗକୁ ସୁଚାରୁରୂପେ ମୌଳିକ ସୁବିଧା ଉପଲବ୍ଧ କରାଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଠାରୁ ଆରମ୍ଭ କରି ଶିଳ୍ପ କ୍ଷେତ୍ରରେ ଆଜି ଦ୍ରୁତ ପ୍ରଗତି ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୭୬ତମ ଜନ୍ମଦିନ ଅବସରରେ ପୁରୀ ଯାଇ ଶ୍ରୀମନ୍ଦିର ସମ୍ମୁଖରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ କରିବା ଅବସରରେ କହିଛନ୍ତି । ଏହି ଅବସରରେ ମାନ୍ୟବର ସାଂସଦ ଡା.ସମ୍ବିତ ପାତ୍ର, ରାଜ୍ୟ ସଂପାଦକ ଶ୍ରୀ ସରୋଜ କର, ଜିଲ୍ଲା ସଭାପତି ଡା.ଦେବେନ୍ଦ୍ରନାଥ ତରାଇଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ଉପସ୍ଥିତ ରହି 'ଆଶୀର୍ବାଦର ଦୀପ' ଜାଳିଥିଲେ । ସେହିପରି ଭୁବନେଶ୍ୱର ଶ୍ରୀରାମ ମନ୍ଦିରରେ ମାନ୍ୟବର ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ୍ କୁମାର, ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଅଭିଲାଷ ପଣ୍ଡାଙ୍କ ସମେତ ଅନେକ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରି 'ଆଶୀର୍ବାଦର ଦୀପ' ଜଳାଇଥିଲେ ।

ଖଜା ଗୋଦାମରେ ରେଡ୍, ନିମ୍ନମାନର ଖଜା ଜବତ

ପୁରୀ, ୧୭/୯ (ଆ.ପ୍ର) : ପୁରୀର ଖଜା ବିଶ୍ୱପ୍ରସିଦ୍ଧ । ଯିଏ ଶ୍ରୀକ୍ଷେତ୍ରକୁ ଆସେ, ଖଜା କିଣେ ଧରି ଘରେ ଫେରେ । ପାଟିକୁ ମୁସ ମୁସ, ଖାଇବାକୁ ସୁଆଦିଆ । କିନ୍ତୁ ସେଇ ଖଜା ତିଆରି ଯେ କେତେ ଅପରିଷ୍କାର, ଅସ୍ୱାସ୍ଥ୍ୟକର ତାହା ଆପଣ କେବେ ଭାବିଛନ୍ତି ? ପୁରୀର ବିଭିନ୍ନ ଖଜା ଗୋଦାମ ଉପରେ ଚଢ଼ାଉ କରି ଆଜି ପୋଲିସ୍ ଓ ଖାଦ୍ୟ ନିରପତା ଅଧିକାରୀ ଯାହା ଧରିଛନ୍ତି ତାକୁ ଦେଖିଲେ ଉଡ଼ିଯିବ ହୋସ୍ । ଅପରିଷ୍କାର କଡେଇ, ଅପରିଷ୍କାର ତେଲ ଆଉ ତା ଭିତରେ ତିଆରି ଚାଲିଛି ଖଜା । ଘରସାରା ଭଣଭଣ ଦୁର୍ଗନ୍ଧ, ପୁଣି ଅଧାରୁ ଅଧିକ ତଳେ ପଡିଯାଉଛି । ଏତେ ଅସନା ଯେ, ଥରେ ଦେଖିଲେ ଆଉ ଥରେ ଖାଇବାକୁ ଇଚ୍ଛା କରିବେନି । ଶେଷରେ ମହାପ୍ରଭୁଙ୍କ ପ୍ରିୟ ଭୋଗକୁ ବି ଛାଡିଲେନି ।

ଆମ ଓଡିଆଙ୍କ ପ୍ରିୟ ପୁରୀ ଖଜା । ଖାଲି ଓଡିଶା ନୁହେଁ. କି ବାହାର ରାଜ୍ୟର ଲୋକ ନୁହେଁ, ବିଦେଶୀ ବି ଏଇ ଖଜା ପ୍ରେମରେ ପଡନ୍ତି । କିନ୍ତୁ ଖଜାର ପ୍ରସ୍ତୁତି ଦେଖିଲେ ଆପଣ ବି ନାକ ଟେକିବେ । ଆଜି ପବିତ୍ର ବିଶ୍ୱକର୍ମା ପୂଜା । ପୁରୀ ଆସିଲେ ଖଜା ଭୋଗ ପାଇଁ ଦୋକାନରେ ଲାଗେ ଭିଡ । କିନ୍ତୁ ସିଧା ପୁରୀର ସ୍ୱାମିମାନ ଉପରେ ଶକ୍ତ ପାହାର ଦେଇଛନ୍ତି ଏଇ ଠକ ବ୍ୟବସାୟୀ । ଦେଖୁନାହାନ୍ତି, କେମିତି ଅବସ୍ଥାରେ ଚାଲିଛି ଖଜା ତିଆରି । ଘର ସାରା ତେଲ ଚିକିଟା, ଚାରିଆଡେ ବିଛାଡି ହୋଇ ପଡିଛି ଖଜା । ଅନେକ ଦିନ ଧରି ଏମିତି ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଖଜା ତିଆରି କରି ଭକ୍ତଙ୍କୁ ଠକୁଥିଲେ ଏମାନେ । ସକାଳୁ ଖାଦ୍ୟ ଓ ଯୋଗାଣ ବିଭାଗ ସମେତ ପୋଲିସ ଟିମର ଚଢାଉ ପରେ ସତ ଆପଣଙ୍କ ସାମ୍ନାରେ । ପୁରୀ ଖଜା ଭକ୍ତଙ୍କ ଭାବାବେଗ ସହ ଜଡ଼ିତ । ପୁରୀ ଆସି ଜଗା ଦର୍ଶନ କଲେ, ପ୍ରଥମେ ଲୋଡ଼ା ପଡ଼େ ପୁରୀ ଖଜା । ହେଲେ ଏବେ ଖଜା କିଣିବାକୁ ମନ ଥିଲେ ବି ଆଉ ହାତ ଯିବନି । କାହିଁ କେତେ ଦିନରୁ ଲୋକଙ୍କୁ ଠକି ଆସୁଛନ୍ତି ଏଇ ବ୍ୟବସାୟୀ । ପୁଣି ଖାଦ୍ୟ ତିଆରିରେ ପାଇଁ ବ୍ୟବହାର କରୁଛନ୍ତି ଘରୋଇ ଗ୍ୟାସ । ସମ୍ପୂର୍ଣ୍ଣ ବେଆଇନ ଭାବେ ଚାଲିଛି ଖଜା ପ୍ରସ୍ତୁତି । ଖାଦ୍ୟ ବିଭାଗର ରେଡ୍ ପରେ ଗଦାଗଦା ଖଜାକୁ ନଷ୍ଟ କରିଛି ଟିମ୍ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ନିଶା କବଳରେ ଯୁବପିଢ଼ୀ, ସହରରେ ବଢ଼ୁଛି ମୋବାଇଲ ଛିନ୍ତାଇ
ବେଧଡ଼କ ଭାବେ ଚାଲିଛି ମଦ, ଗଞ୍ଜେଇ, ବ୍ରାଉନ ସୁଗାର ବ୍ୟବସାୟ

ଯାଜପୁର, ୧୭/୦୯ (ଆ.ପ୍ର) : ଯାଜପୁର ସହରରେ କଳ, କାରଖାନା କିମ୍ବା ଆୟର କୌଣସି ବାଟ ନଥିବାରୁ ଶିକ୍ଷିତ ବେକାର ଯୁବକମାନେ ପଥ ଭ୍ରଷ୍ଟ ହୋଇ ନିଶା ଆଡକୁ ମୁହାଁଉଛନ୍ତି । ଶିକ୍ଷିତ ହେବାପରେ କୌଣସି ଆୟର ବାଟ ନଥିବାରୁ ଯୁବପିଢିମାନେ ଅପରାଧ ନିଶାକୁ ବାଛୁଥିବା ଦ୍ୱାରା ସେମାନଙ୍କର ଭବିଷ୍ୟତ ଅନ୍ଧାର ହୋଇପଡୁଛି । ସହର ମଧ୍ୟରେ ଥିବା ପର୍ଯ୍ୟଟନ ସ୍ଥଳୀ, ସ୍କୁଲ, କଲେଜ୍, ଡାକ୍ତରଖାନା ନିକଟରେ ଓ ସମ୍ମୁଖରେ ଚୋରା ମଦ, ଗଞ୍ଜେଇ, ବ୍ରାଉନ ସୁଗାର ଇତ୍ୟାଦି ବିକ୍ରି ହେଉଥିବାରୁ ଯୁବପିଢିମାନଙ୍କୁ ଏହା ସହଜରେ ଉପଲବ୍ଧ ହେଉଛି । ଏବେ ଯୁବପିଢୀ ଏକ ନୂତନ ଯୋଜନା ଆପଣାଇ ଲେଣି । ରାସ୍ତା ରେ ଯାଉଥିବା ମାଁ, ଭଉଣୀ, ଝିଅ ବୋହୂମାନେ ମୋବାଇଲ ଫୋନ୍‌ରେ କଥା ହେଉଥିବା ବେଳେ ବାଇକ୍ ରେ ଆସି ଝାମ୍ପି ନେଉଥିବା ସହର ମଧ୍ୟରେ ନିୟମିତ ଚାଲିଛି । ଏ



ସମ୍ପର୍କରେ ଯାଜପୁର ଥାନାରେ ବହୁ ଏଫ୍ ଆଇ ଆର୍ ହେଉଥିବା ଦେଖିବାକୁ ମିଳେ । ସହରର ଗଳିକନ୍ଦି ସବୁଆଡେ ଚୋରା ନିଶାଦ୍ରବ୍ୟ ଭରପୁର ମିଳୁଛି । ଫଳରେ ଦିନକୁ ଦିନ ଯୁବପିଢି ନିଶାସକ୍ତ ହୋଇ ଅପରାଧରେ ସାମିଲ୍ ହେଉଛନ୍ତି । ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ପ୍ରାୟ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରା ମଦ, ବ୍ରାଉନ ସୁଗାର ଓ ଗଞ୍ଜେଇ ବ୍ୟବସାୟକୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ସେମାନଙ୍କ ପାଖରୁ ବ୍ୟାପକ ପରିମାଣରେ ଚୋରା ମଦ, ଅଫିମ, ଗଞ୍ଜେଇ ଜବତ କରାଯାଉଛି । ହେଲେ କଣ୍ ହେବ କୋହଳ ଆଇନ୍ ଯୋଗୁ ଏହି ଚୋରା ବ୍ୟବସାୟୀମାନେ ଦୁଇରୁ ତିନିଦିନ ମଧ୍ୟରେ ଜାମିନ୍ ପାଇ ପୁନର୍ବାର ସେହି କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଯାହାଫଳରେ ଚୋରା ବ୍ୟବସାୟୀମାନେ ଜିଲ୍ଲାରେ ବଢୁଛନ୍ତି । ଫଳରେ ନିରୀହ ଶିକ୍ଷିତ ଯୁବକମାନଙ୍କ ସହିତ ଶ୍ରମିକ ଓ ଅନ୍ୟମାନେ ରାସ୍ତାଘାଟରେ ମଦ୍ୟପାନ କରିବା ସହ ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଘଂଟା ଘଂଟା ଧରି ପଡି ରହୁଛନ୍ତି । ଚୋରା ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏ ବିଷୟରେ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ମାସରେ ୧୫ରୁ ୨୦ ସ୍ଥାନ ଜିଲ୍ଲାର ବିଭିନ୍ନ ଅଂଚଳରେ ଚଢାଉ କରି ଆମେ ଚୋରା ବ୍ୟବସାୟୀଙ୍କୁ ଗିରଫ କରୁଛୁ । କିନ୍ତୁ କୋହଳ ଆଇନ୍ ଯୋଗୁ ଏମାନେ ଖସି ଯାଉଛନ୍ତି । ଏମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ମୋହୁଡ଼ା ଭୈରବୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

କୁକୁଡ଼ାଖଣ୍ଡି, ୧୭/୦୯ (ଆ.ପ୍ର) : ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ମୋହୁଡ଼ା ଭୈରବୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । ଦୁଇଦିନିଆ ଏହି କ୍ରୀଡ଼ା କାର୍ଯ୍ୟକ୍ରମର ପ୍ରଥମ ଦିବସରେ ବ୍ଲକର ୬୦ଟି ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୨୬ ଜଣ ଛାତ୍ରଛାତ୍ରୀ ଉତ୍ସାହ ଓ ଉଦ୍ଦୀପନାର ସହ ଅଂଶଗ୍ରହଣ କରିଥିଲେ । କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ଶପଥ ପାଠ କରାଯାଇଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁକୁଡ଼ାଖଣ୍ଡି ବ୍ଲକ ଉପାଧ୍ୟକ୍ଷା ବିଶ୍ୱପ୍ରିୟା ପାତ୍ର, ଗୋଷ୍ଠି ଶିକ୍ଷାଧିକାରି ସନ୍ତୋଷ କୁମାର ମହାପାତ୍ର, ମୋହୁଡ଼ା ସରପଂଚ ସୁଦେଷ୍ଣା ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା କୁମାରୀ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସାମାଂତଳ କାର୍ଜୀ ଓ ବସନ୍ତ କୁମାର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ କୈଳାଶ ବିଶୋୟୀ, ସମାଜସେବୀ ଉଦୟ ବେହେରା, ବିଦ୍ୟାଳୟ ସଭାପତି କୈଳାଶ ମଣ୍ଡଳ, ପୂର୍ବତନ ସରପଂଚ ସଞ୍ଜୟ ସାହୁ, ବ୍ଲକ କ୍ରୀଡ଼ା ସମ୍ପାଦିକା ଏସ୍ ସବିତା ପାତ୍ର ଓ ସ୍ଥାନୀୟ ସିଆରସିସି ଡ. ଗୋବିନ୍ଦ ଚନ୍ଦ୍ର ମହାକୁଡ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଯୋଗିତାରେ ବ୍ଲକର ସମସ୍ତ ସିଆରସିସି, ଲାଠି କ୍ଲଷ୍ଟର ପ୍ରଧାନଶିକ୍ଷକ, ମହୁଡ଼ା କ୍ରୀଡ଼ା ଶିକ୍ଷକ ନିଶିଥ ପ୍ରଧାନଙ୍କ ସମେତ ଅନ୍ୟ ବିଦ୍ୟାଳୟରୁ ଆସିଥିବା ସମସ୍ତ କ୍ରୀଡ଼ା ଶିକ୍ଷକ ଓ ଭୈରବୀ ଉଚ୍ଚ ବିଦ୍ୟାଳୟର ସମସ୍ତ ସହକର୍ମୀ ସକ୍ରିୟ ଭାବେ ସହଯୋଗ କରିଥିଲେ । ଏଥିରେ ନିରଞ୍ଜନ ପଣ୍ଡା, ହେମନ୍ତ କୁମାର ସେଠୀ, ଅରୁଣ କୁମାର ଗୌଡ଼, ଜି ଟୁନା ଦୋରାଙ୍କ ସହ ଶିକ୍ଷକ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ସେବା ଓ ବୃକ୍ଷରୋପଣ ଓ ରୋଗୀମାନଙ୍କୁ ଫଳ ବଂଟନ

ବାସୁଦେବପୁର, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ବାସୁଦେବପୁର ବିଜେପି ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଂଟନ ସହ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ କରାଯାଇଛି । ଏହି ଅବସରରେ ଦଳୀୟ କର୍ମୀ ଓ ନେତାମାନେ ଯୋଗଦେଇଥିଲେ । ଜନ୍ମଦିବସକୁ ସେବାର ଦିବସ ଭାବେ ପାଳନ । ବାସୁଦେବପୁରରେ ଦେଖିବାକୁ ମିଳିଛି ବିଜେପିର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ ଓ ବିଭିନ୍ନ ମନ୍ଦିରରେ ଦୀପ ଜାଳିଲେ ଦଳୀୟ ନେତା ଓ କର୍ମୀ । ଏହାସହ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ କରାଯାଇଥିଲା ବୃକ୍ଷରୋପଣ । କେବଳ ଗୋଟିଏ ଦିନ ନୁହେଁ, ପ୍ରାୟ ଏକ ମାସ ଧରି ବିଭିନ୍ନ ସେବା, ସଚେତନତା ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପିର ପୂର୍ବତନ ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ପୌରପାଳିକା ୫ ନମ୍ବର ୱାର୍ଡର ପାରିଷଦ ଜଗବନ୍ଧୁ ଦାସଙ୍କ ସମେତ ସବିକାନ୍ତ ମଲ୍ଲିକ, ବିଭୂତି ଭୂଷଣ ପାଣିଗ୍ରାହୀ, ସମ୍ବିତ କୁମାର ମହାନ୍ତି, ରାଧାକାନ୍ତ ସାମଲ, ରମାକାନ୍ତ ସେଠୀ, ଆନନ୍ଦ ଶଙ୍କର ଦାସ, ବସନ୍ତ ଦୀକ୍ଷିତ, ଶ୍ରୀକାନ୍ତ କୁମାର ବେହେରା, ମନୋରଞ୍ଜନ ପଣ୍ଡା, ବିଦ୍ୟାଧର ମାଝୀ, ସୁକାନ୍ତ ବିଶ୍ୱାଳ, ଗିରିଜା ଶଙ୍କର ମଲ୍ଲିକ, ଜଗନ୍ନାଥ ବେହେରା, ପ୍ରଭଞ୍ଜନ ପରିଡ଼ାଙ୍କ ସମେତ ବହୁ ଦଳୀୟ କର୍ମୀ ଓ କର୍ତ୍ତା ଉପସ୍ଥିତ ଥିଲେ । ଜନ୍ମଦିବସ ପାଳନକୁ ସେବା, ପରିବେଶ ସୁରକ୍ଷା ଓ ସାମାଜିକ କାର୍ଯ୍ୟ ସହ ଯୋଡ଼ିବାର ଏହି ପ୍ରୟାସକୁ ନେଇ ବାସୁଦେବପୁରରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି ।

ପ୍ରେମିକାଙ୍କ ଘର ବାରଣ୍ଡାରେ ଜଳିଗଲା ପ୍ରେମିକର ଦେହ
ଅଭିଯୋଗ ଆଣିଲେ ପ୍ରେମିକ ସିଲୁ ରାୟର ପରିବାର ଲୋକେ

ଦେବଗଡ଼, ୧୭/୦୯ (ଆ.ପ୍ର) : ଦେବଗଡ଼ରେ ଚାଂଚଲ୍ୟକର ଘଟଣା । ପ୍ରେମିକାଙ୍କ ବାରଣ୍ଡାରେ ଜଳୁଥିଲା ପ୍ରେମିକଙ୍କର ଶରୀର, ଏହା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଲେ ଗ୍ରାମବାସୀ । ଗତ କାଲି ବିଳମ୍ବିତ ରାତିରେ ପ୍ରେମିକାଙ୍କ ଘର ବାରଣ୍ଡାରେ ଯୁବକଙ୍କୁ ହତ୍ୟା ପରେ ପେଟ୍ରୋଲ ଢାଳି ଜାଳିଦେଇଥିବା ଅଭିଯୋଗ । ଦେବଗଡ଼ ଜିଲ୍ଲା ରିଆମାଳ ଥାନା ସଦର ମହକୁମାରେ ଘଟିଛି ଏଭଳି ଅଭାବନୀୟ ଘଟଣା । ମୃତ ଯୁବକ ହେଉଛନ୍ତି ବାଦରାକୋଟ ଗାଁର ୨୮ ବର୍ଷୀୟ ସିଲୁ ରାୟ । ସୂଚନା ଅନୁସାରେ, ସିଲୁ ନିୟମିତ

ମଦ୍ୟପାନ କରି ପ୍ରେମିକାଙ୍କ ଘରେ ଉତ୍ପାତ କରୁଥିଲା । ଏହାକୁ ନେଇ ପ୍ରେମିକାଙ୍କ ପରିବାର ସହ ତାଙ୍କର ବିବାଦ ହୋଇଥିବା କୁହାଯାଉଛି । ଗତକାଲି ବିଳମ୍ବିତ ରାତିରେ ସିଲୁ ପୁଣି ସବୁ ଦିନ ପରି ପ୍ରେମିକା ର ଘରକୁ ଆସିଥିବା ବେଳେ ପରିବାର ଲୋକେ ତାଙ୍କୁ ହତ୍ୟା କରିବା ପରେ ମୃତଦେହରେ ପେଟ୍ରୋଲ ଢାଳି ଜାଳିଦେଇଥିବା ଅଭିଯୋଗ ହୋଇଛି । ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ସେମାନେ ପହଂଚି ନିଆଁ ଆୟତ କରିବା ପୂର୍ବରୁ ସିଲୁର ମୃତ୍ୟୁ ଘଟି ସାରିଥିଲା । ଖବର ପାଇ ରିଆମାଳ ପୋଲିସ ଘଟଣାସ୍ଥଳରେ ପହଂଚି ୩ ଜଣଙ୍କୁ ଅଟକ ରଖିଛି । ମୃତକ ସିଲୁଙ୍କ ପରିବାର ଲୋକ ପ୍ରେମିକାର ପରିବାରର ୫ ଜଣଙ୍କ ବିରୋଧରେ ଏତଲା ଦେଇଛନ୍ତି । ତେବେ ଅଧିକ ସୂଚନା ପାଇଁ ପୋଲିସ ଓ ସାଇଂଟିଫିକ ଟିମ ତଦନ୍ତ ଜାରି ରଖିଥିବାର ସୂଚନା ରହିଛି ।

ନିଆରା ଢ଼ଙ୍ଗରେ ବିଘ୍ନରାଜ ଗଜାନନଙ୍କ ମୂର୍ତି ସହ ସମୁଦ୍ର ମନ୍ଥନ ଦୃଶ୍ୟକୁ ନେଇ ଚର୍ଚ୍ଚା

ଜଗତସିଂହପୁର, ୧୭/୦୯ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ଅନ୍ତର୍ଗତ ନୂଆଗାଁ ଠାରେ ମହାରାଜା ବିଘ୍ନେଶ୍ୱର ପୂଜା କମିଟି ପକ୍ଷରୁ ମୂର୍ତି ଶିଳ୍ପୀ ଦେଉଳିସାହି ଗ୍ରାମର ନାରାୟଣ ବେହେରାଙ୍କ ଦ୍ୱାରା ନିଆରା ଢଙ୍ଗରେ ପ୍ରଭୁ ଗଜାନନଙ୍କ ମୂର୍ତି ଗଢ଼ା ହେବା ସହ ଏଥିରେ ପୁରାଣ ପ୍ରସିଦ୍ଧ ସମୁଦ୍ର ମନ୍ଥନର ଦୃଶ୍ୟ ଯେଉଁଥିରେ ଦେବତା ଓ ଅସୁରମାନେ ମିଶି ସମୁଦ୍ର ମନ୍ଥନ କରିଥିଲେ । ଏଥିସହିତ ମାର୍କେଣ୍ଡେୟ ଋଷି ଶିବଙ୍କ ମସ୍ତକରେ କ୍ଷୀରାଭିଷେକର ଦୃଶ୍ୟ ପ୍ରତିଫଳିତ କରିଛନ୍ତି । ଯାହା ସୁଇଚ ଟିପିବା ମାତ୍ରେ ସମୁଦ୍ର ମନ୍ଥନ ଦୃଶ୍ୟର ଗୋଟିଏ ପାର୍ଶ୍ୱରେ ଦେବତା ଓ ଅପର ପାର୍ଶ୍ୱରେ ଅସୁରମାନଙ୍କୁ ଦେଖିବାକୁ ମିଳୁଛି । ଏଥିସହିତ ସୁନ୍ଦର ସାଜସଜ୍ଜା ସହିତ ରଙ୍ଗୀନ ଆଲୋକମାଳା ପୂଜାର ମାହୋଲକୁ ଦ୍ୱିଗୁଣିତ କରୁଛି । ଏହା ସମଗ୍ର ଜଗତସିଂହପୁର ଜିଲ୍ଲାରେ ଏକ ନୂତନ ଆଲୋଡ଼ନ ସୃଷ୍ଟି କରିଛି । ଯାହାକୁ ଦେଖିବା ପାଇଁ ପ୍ରତିଦିନ ଶହ ଶହ ଦର୍ଶକଙ୍କ ଭିଡ଼ ଲାଗୁଥିବାର ଦେଖିବାକୁ ମିଳୁଛି । ଉକ୍ତ ପୂଜା ୧୦ ଦିନ ଧରି ଚାଲିବ କ୍ଷପୂଜା କମିଟିର ସଭାପତି ଦୀପକ କୁମାର ସାହୁ, ସମ୍ପାଦକ ପ୍ରମୋଦ ଖଟୁଆ, କୋଷାଧ୍ୟକ୍ଷ ଶିଶିର କୁମାର ସାହୁ, ମୁଖ୍ୟ ଆୟୋଜକ ସ୍ୱରୂପ କୁମାର ସାହୁ, ପ୍ରଦୀପ, ଫିଟୁ, ଦୀପକ, ତପୁ, ଲିପୁ, ବଂଟି, ବାବୁ, ନିରଞ୍ଜନ, ଜାସୁ, ଆକାଶ, କାବୁ, ବୁଲୁ ଚିକୁ ପଙ୍କଜ, ପ୍ରଭା, ସନା, ବାପିନା, ସ୍ମିତ, ସଞ୍ଜୟ, ପ୍ରସନ୍ନ, ପିଙ୍କୁ, ବାଦଲ, ଦୀପୁ, ବାବୁ, ଚିକୁ, ରଂଜିତ, ପାପୁନ, ସାଗର, ରିଙ୍କୁ, ସୁମନ ଓ ମନୋଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ମୂର୍ତି କାରିଗର ନାରାୟଣ ବେହେରା ଏଭଳି ଚମତ୍କାର କାରୁକାର୍ଯ୍ୟକଙ୍କ ସବୁ ମହଲରେ ପ୍ରଶଂସା କରାଯାଉଛି ।

ଚାଳକ ଦିବସ ପାଳନ ସହ ଗୋଷ୍ଠୀ ଗୃହ ଓ କାର୍ଯ୍ୟାଳୟ ପାଇଁ ବିଧାୟକଙ୍କୁ ଦାବିପତ୍ର

ଘୁ.ଉଦୟଗିରି, ୧୭/୦୯ (ଆ.ପ୍ର) : ଓଡ଼ିଶା ମୋଟର ଚାଳକ ସଂଘ, ଘୁ.ଉଦୟଗିରି ଶାଖା ପକ୍ଷରୁ ଆଜି ଘୁ.ଉଦୟଗିରି ସହରରେ ଚାଳକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗୁଡ୍ରିପଡ଼ି ନିକଟରୁ ଏକ ବିରାଟ ଶୋଭାଯାତ୍ରା ଓ ସଚେତନତା ରାଲି ବାହାରି ସହର ପରିକ୍ରମା କରାଯାଇଥିଲା । ରାଲିରେ ଦ୍ରୁତ ଗତିରେ ଗାଡ଼ି ଚାଳନା ନକରିବା, ଟ୍ରାଫିକ୍ ନିୟମ ପାଳନ କରିବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ନଚଳାଇବା ଆଦି ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦିଆଯାଇଥିଲା । ଏହାସହିତ ବନ୍ଧଛକ ଠାରେ ଥିବା ଚକଟା ବିଶୟୀ ଓ ଗାନ୍ଧୀ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ସଂଘର ସଭାପତି ପରମାନନ୍ଦ ପ୍ରଧାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ଓଡ଼ିଶା ମୋଟର ଚାଳକ ସଂଘ, ଘୁ.ଉଦୟଗିରି ଶାଖା ପକ୍ଷରୁ ମୋଟର ଚାଳକମାନଙ୍କ ସ୍ୱାର୍ଥ ଓ ସାମୂହିକ କାର୍ଯ୍ୟକଳାପ ପାଇଁ ଏକ ସ୍ଥାୟୀ କାର୍ଯ୍ୟାଳୟ ତଥା ପ୍ରାୟ ୨୦୦ ଜଣ ବସିପାରିବା ଭଳି ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ଦାବି ଉଠାଯାଇଥିଲା । ଘୁ.ଉଦୟଗିରି ଅଂଚଳରେ ସଂଘର ୨୦୦ରୁ ଅଧିକ ସଦସ୍ୟ ରହିଛନ୍ତି । ସଂଘର ସଭା, ବୈଠକ, ଚାଳକମାନଙ୍କ

ବିଭିନ୍ନ ସମସ୍ୟା ଉପରେ ଆଲୋଚନା, ସାମାଜିକ କାର୍ଯ୍ୟକ୍ରମ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ପାଇଁ ଏକ ସ୍ଥାୟୀ କାର୍ଯ୍ୟାଳୟ ଓ ଗୋଷ୍ଠୀ ଗୃହର ଆବଶ୍ୟକତା ରହିଛି । ବର୍ତମାନ ନିଜସ୍ୱ ଗୋଷ୍ଠୀ ଗୃହ ନଥିବାରୁ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସଦସ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ସଂଘ ପକ୍ଷରୁ କୁହାଯାଇଛି । ଏନେଇ ସଂଘର କର୍ମକର୍ତା ଓ ସଦସ୍ୟମାନେ ଘୁ.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ । ବିଧାୟକ ପାଣ୍ଠି କିମ୍ବା ଉପଯୁକ୍ତ ସରକାରୀ ଯୋଜନା ଅଧୀନରେ ଆବଶ୍ୟକ ପାଣ୍ଠି ଯୋଗାଇ ଦେବା ସହିତ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ସହଯୋଗ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହାସହିତ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରିବା ନିମନ୍ତେ ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ରଙ୍କ ସମେତ ଘୁ.ଉଦୟଗିରି ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ଅନ୍ୟ ଜଣେ ଅଧିକାରୀଙ୍କୁ ମଧ୍ୟ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ର ଗ୍ରହଣ କରି ବିଧାୟକ ଓ ସମ୍ପୃକ୍ତ ଅଧିକାରୀମାନେ ଏହି ଦାବି ଉପରେ ଆବଶ୍ୟକ ପଦକ୍ଷେପ ନେବା ସହିତ ଯଥାଶୀଘ୍ର ସମାଧାନ ପାଇଁ ପ୍ରୟାସ କରାଯିବ ବୋଲି କହିଥିବା ସଂଘ ପକ୍ଷରୁ ପ୍ରକାଶ କରାଯାଇଛି । କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଅଭିରାମ କୁମାର ପ୍ରଧାନ, ଅମରେନ୍ଦ୍ର ନାୟକ, ମନୋଜ ଦିଗାଲ, କମଳ କୁମାର ସାହୁ, ମଂଟୁ ଦିଗାଲ, ବିଶ୍ୱାମିତ୍ର ଦିଗାଲଙ୍କ ସମେତ ସଂଘର ବହୁ ସଦସ୍ୟ ଓ କର୍ମକର୍ତା ଉପସ୍ଥିତ ଥିଲେ ।

ବି ଆର ଆମ୍ବେଦକର ପଂଚାୟତ ସ୍ତରୀୟ ଭଲିବଲ ପ୍ରତିଯୋଗିତା ଆରମ୍ଭ ଖେଳାଳିଙ୍କ ମଧ୍ୟରେ ଉତ୍ସାହ

ତୁମୁଡିବନ୍ଧ, ୧୭/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା କୁର୍ତମଗଡ଼ ଅଂଚଳରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ଯୁବପିଢ଼ିଙ୍କୁ ଖେଳ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବି ଆର ଆମ୍ବେଦକର ପଂଚାୟତ ସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । କୁର୍ତମଗଡ଼ ପଂଚାୟତ ତଥା ନିକଟବର୍ତୀ ବିଭିନ୍ନ ଗ୍ରାମରୁ ଦଳଗୁଡ଼ିକ ପ୍ରତିଯୋଗିତାରେ ଯୋଗଦେଇଥିବା ବେଳେ ଉଦ୍‌ଘାଟନୀ ମ୍ୟାଚକୁ ନେଇ ଖେଳାଳି ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ରାମାନନ୍ଦ ଘଡ଼ାଇ ଯୋଗଦେଇଥିବା ବେଳେ ସମ୍ମାନିତ ପ୍ରମୁଖ ଅତିଥି ଭାବେ ପୂର୍ବତନ ଶିକ୍ଷାବିତ ସଦାନନ୍ଦ ମଲ୍ଲିକ, ଡକ୍ଟର

ହୀରାଲାଲ ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ତିମୋଥି ନନ୍ଦ, ଅବସର ପ୍ରାପ୍ତ ଡାକ ବିଭାଗ କର୍ମଚାରୀ ବିନୋଦ ବିହାରୀ ଦେଓ, କୁଇ ସମାଜ ସଭାପତି ଗୀତ ମାଝୀ, ପବିତ୍ର ମୋହନ ବେହେରା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଅତିଥିମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଗ୍ରାମାଂଚଳରେ କ୍ରୀଡ଼ାର ବିକାଶ ପାଇଁ ଏଭଳି ପ୍ରତିଯୋଗିତା ନିୟମିତ ଆୟୋଜନର ଆବଶ୍ୟକତା ଉପରେ ମତ ରଖିଥିଲେ । ପ୍ରଥମ ମ୍ୟାଚରେ ସିର୍ଲି ପଂଚାୟତ ଓ କୁର୍ତମଗଡ଼ ପଂଚାୟତ ମଧ୍ୟରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା । ପ୍ରତ୍ୟେକ ପଏଂଟ ପାଇଁ ଖେଳାଳିମାନେ ଜୋରଦାର ପ୍ରୟାସ କରିଥିବା ବେଳେ ଦର୍ଶକମାନେ ତାଳି ଓ ଉତ୍ସାହଧ୍ୱନି ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ୍ ପରିଚାଳନାରେ ରେଫରି ପ୍ରଣବ ବେହେରା ଓ ଆୟୋଜକ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ ।

ଯୁବ ସମାଜସେବୀ ତ୍ରିଦେବ ସାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ

ଟାଙ୍ଗୀଚୌଦ୍ୱାର, ୧୭/୦୯ (ଆ.ପ୍ର) : ଦେଶବ୍ୟାପୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ପାଳିତ ହେଉଛି । ଏହି କ୍ରମରେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତଥା ଯୁବ ସମାଜସେବୀ ତ୍ରିଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଛତିଆ ସ୍ଥିତ ସେବକ ବୃଦ୍ଧା ଆଶ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ଆଶ୍ରମର ଅନ୍ତେବାସୀ ଓ ଶ୍ରୀରାମ ସେନାର ସଦସ୍ୟଙ୍କ ଦ୍ୱାରା ୭୬ଟି

ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ଆଶ୍ରମରେ ଥିବା ଗୋଶାଳାରେ ଅଧ୍ୟକ୍ଷ ଶ୍ରୀ ବେହେରା ଗୋସେବା କରିଥିଲେ । ଟେଟ୍ରାହେଡ୍ରନ ପକ୍ଷରୁ ଦୁଇଶହ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟାହ୍ନ ଭୋଜନ ଓ ଫଳ ବଂଟନ ସହ ଆଶ୍ରମର ଗୋଷ୍ଠ ଶାଳା ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଉକ୍ତ ଦିବସରେ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ଝିଅ ତ୍ରିଷାର ଜନ୍ମଦିନ ଥିବାରୁ ତ୍ରିଷା ସମସ୍ତଙ୍କ ଆଶିର୍ବାଦ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ବିଷ୍ଣୁ ଚରଣ ଦାସ, ଟାଙ୍ଗୀ ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ, ଯୁବ ସଂଗଠକ ବିଶ୍ୱଜିତ ଅଂଚଳ, ଆକାଶ ପାତ୍ର,ଅମନ ବେଉରା, ସୁକାନ୍ତ ସାମଲ, ଚୌଧୁରୀ ମାନସ ସାହୁ, ଟାଙ୍ଗୀ ମଣ୍ଡଳ ମହିଳା ମୋର୍ଚ୍ଚା ଉପସଭାପତି ସ୍ମୃତିପ୍ରଭା ବେଜ ଓ ଅନାଦି ଚରଣ ନାଥଙ୍କ ସମେତ ଶ୍ରୀରାମ ସେନାର ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଟେଟ୍ରାହେଡ୍ରନ ପକ୍ଷରୁ ଟାଙ୍ଗୀ ଅଂଚଳର ୨୦ଟି ସ୍ଥାନରେ ୭୬ଟି ଲେଖା ଦୀପ ପ୍ରଜ୍ୱଳନ ଉତ୍ସବ କରାଯାଇଥିବା ଜଣାପଡିଛି ।

ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ବିଶ୍ୱକର୍ମା ଜୟନ୍ତୀ ଏବଂ ରାଷ୍ଟ୍ରୀୟ ଶ୍ରମ ଦିବସ ପାଳନ

ରାୟଗଡ଼ା, ୧୭/୦୯ (ଆ.ପ୍ର) : ଭାରତୀୟ ମଜଦୁର ସଂଘ ୧୭ ସେପ୍ଟେମ୍ବର ଭଗବାନ ବିଶ୍ୱକର୍ମା ଜୟନ୍ତୀ କୁ ରାଷ୍ଟ୍ରୀୟ ଶ୍ରମିକ ଦିବସ ରୂପେ ସାରା ଦେଶରେ ପାଳନ କରି ଆସୁଛି । ଏହି ଅବସରରେ ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ମହାଆଡମ୍ବରରେ ପାଳନ କରାଯାଇଥିଲା । ଏହି ଉପଲକ୍ଷେ ସକାଳ ସମୟରେ ବାରିଝୋଲା ଗ୍ରାମ ଠାରେ ବୃକ୍ଷ ରୋପଣ କରାଯାଇଥିଲା ପରେ ସ୍ଥାନୀୟ ଗାୟତ୍ରୀ ନଗର ସ୍ଥିତ ବରିଷ୍ଠ ନାଗରିକ କାର୍ଯ୍ୟାଳୟ ଠାରେ ଏକ ସଭା ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭଗବାନ ବିଶ୍ୱକର୍ମା, ଭାରତ ମାତା, ସଂଘର ପ୍ରତିଷ୍ଠାତା ଦତୋପନ୍ତ ଠେଙ୍ଗଡୀ ଜିଙ୍କ ଫଟୋ ଚିତ୍ରରେ ପୁଷ୍ପ ଦ୍ୱିପ ପ୍ରଜ୍ୱଳନ କରି, ଶ୍ରମିକ ଗୀତ ଗାନ କରାଯାଇ ସାରା ଦେଶରେ ମୃତ୍ୟୁ ବରଣ କରିଥିବା ସମସ୍ତ ଶ୍ରମିକ ଭାଇ ଭଉଣୀ ମାନଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଦେଶିକ ଶ୍ରମ ଆୟୁକ୍ତ ଶ୍ରୀବାସ ଚନ୍ଦ୍ର ମଣ୍ଡଳ, ମୁଖ୍ୟ ବକ୍ତା ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନୀୟ ଅତିଥି ଭାବେ ସହ ଶ୍ରମ ଅଧିକାରୀ ନିରଞ୍ଜନ ଭୂଇଁଆ, ରାଜ୍ୟ ସମ୍ପାଦକ ତଥା ପ୍ରଭାରି ବିଶ୍ୱରଂଜନ ସାହା ଯୋଗ ଦେଇ ଭାରତୀୟ ବିଚାରରେ ଭାରତ ଗଠନରେ ଏକ ଅଣ ରାଜନୈତିକ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ହୋଇ ଶ୍ରମିକ ମାନଙ୍କ ସମସ୍ତ ସମସ୍ୟାର ସମାଧାନ କରିବା ସହ ଭାରତୀୟ ବିଚାରରେ ସମର୍ପିତ ହୋଇ ଶୃଙ୍ଖଳିତ ଭାବେ ନିଜର କର୍ମମୟ ଜୀବନ ମଧ୍ୟରେ ଭାରତୀୟ ବିଚାର ଧାରାରେ ରାଷ୍ଟ୍ରହିତ, ଉଦ୍ୟୋଗହିତ, ଶ୍ରମିକହିତ ଏବଂ ତ୍ୟାଗ ତପସ୍ୟା ଆଉ ବଳିଦାନକୁ ଦୃଷ୍ଟିରେ ରଖି ଭାରତୀୟ ମଜଦୁର ସଂଘକୁ ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିବାରେ ଶ୍ରମିକମାନଙ୍କ ଯେଉଁ ଅବଦାନ ରହିଛି ତାକୁ ସମ୍ମାନ ଦେବା ସହିତ, ମାତୃ ଶକ୍ତି ଆଜିର ଦିନରେ ନିଜ ପରିବାର, ନିଜ କର୍ମମୟ ଜୀବନ ମଧ୍ୟରେ ଭାରତୀୟ ମଜଦୁର ସଂଘକୁ ଆଗକୁ ନେବାରେ ପାରଦର୍ଶିତା ରଖିଥିବାରୁ ଭୂୟସୀ ପ୍ରଶଂସା କରିବା ସହ ସମ୍ମାନ ଜଣାଇ ଥିଲେ । ସରକାର ଆଜିର ଦିନରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ପାଚିକା, ଠିକା ଶ୍ରମିକ, ସଫେଇ କର୍ମଚାରୀ, ସୁରକ୍ଷା କର୍ମୀ, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ଭାଇ ଭଉଣୀମାନଙ୍କୁ ଅଣଦେଖା କରୁଥିବା ଏବଂ କଳକାରଖାନାରେ କାର୍ଯ୍ୟରତ

ଶ୍ରମିକମାନଙ୍କୁ ଛଟେଇ କରଯାଉଥିବା ଭଳି ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ଦାବି କରିବା ସହ ବିଶ୍ୱକର୍ମା ଜୟନ୍ତୀକୁ ରାଷ୍ଟ୍ରୀୟ ଶ୍ରମିକ ଦିବସ ରୂପେ ଘୋଷଣା କରିବା ପାଇଁ ଦାବି କରିଥିଲେ । ଏହି ଅବସରରେ ରାୟଗଡ଼ା ପ୍ରତିଷ୍ଠିତ ୫ ଜଣଙ୍କୁ ବିଶ୍ୱକର୍ମା ଶ୍ରମ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଜିଲ୍ଲା ସଭାପତି ମୋହନ ରାଓ ମାଝୀ ଏବଂ ଜିଲ୍ଲା ସଂପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ରାୟଗଡ଼ା ଜିଲ୍ଲା ବ୍ୟବସାୟ ମଜଦୁର ସଂଘ, ରାୟଗଡ଼ା ଜିଲ୍ଲା ସଫେଇ ମଜଦୁର ସଂଘ, ଉତ୍କଳ ଆଲୁମିନା ମଜଦୁର ସଂଘ, ଜେ କେ ପେପର ମିଲ ମଜଦୁର ସଂଘ, ଇମ୍ପା ଠିକା ମଜଦୁର ସଂଘ, ପାଚିକା ସଂଘ, ରାୟଗଡ଼ା ଜିଲ୍ଲା ହୋଟେଲ କର୍ମଚାରୀ ସଂଘ, ରାୟଗଡ଼ା ଜିଲ୍ଲା ସ୍ୱାବଲମ୍ବୀ କାରିଗର ସଂଘ, ରାୟଗଡ଼ା ଜିଲ୍ଲା ପରିବା ବ୍ୟବସାୟ ସଂଘ , ମୁନିସିପାଲଟି ସଫେଇ ମଜଦୁର ସଂଘ ଏବଂ ୧୧ଟି ବ୍ଲକର କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଭାରତୀୟ ମଜଦୁର ସଂଘର ଜିଲ୍ଲା ଉପସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ ମଂଚ ପରିଚାଳନା କରିଥିବା, କାର୍ଯ୍ୟକ୍ରମରେ ଅରୁଣ ଲେଙ୍କା, ପ୍ରେମ କୁମାର ପଟ୍ଟନାୟକ, ସଞ୍ଜୟ ରାଜଗୁରୁ, ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଉଷାରାଣୀ ଦାଶ, ଗୀତା ହିଆଲ, ନେହା ସିଂ, ଧର୍ମ ସିଂ ନାଗ, ଦୁର୍ଗା ମାଧବ ଘୋଷ, ଏମ ରାମ ବାବୁ, ନିରଞ୍ଜନ ସେନାପତି, ସୁନ୍ଦର ରାଓ ବାଡ଼ାକା, ପରିଚାଳନା କରିଥିଲେ ।

ମୋଦୀଙ୍କ ଜନ୍ମଦିନରେ ରକ୍ତଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କଲେ ସାମାଜିକ କର୍ମୀ ସୁମନ୍ତ ଜେନା

ବାଲେଶ୍ୱର, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବସ୍ତା ଥାନା ଅନ୍ତର୍ଗତ ମଥାନୀସ୍ଥିତ 'ବାସନ୍ତୀ ପ୍ଲାଜା' ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ସାମାଜିକ କର୍ମୀ ତଥା ପରିବେଶବିତ୍ ସୁମନ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ବସ୍ତା ଥାନା ଅଧିକାରୀ ରଣଜିତ୍ କୁମାର ସାହୁ ଓ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟିର ଉପଦେଷ୍ଟା ବାସନ୍ତୀ ଜେନା ମିଳିତ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଏଏସ୍‌ଆଇ ଜଗନ୍ନାଥ ମାରାଣ୍ଡି, ସମାଜସେବୀ କୁମୁଦ ରଞ୍ଜନ ଗିରି, ଶଙ୍କର ଜେନା, ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ, ରବି ମହାନ୍ତି ଓ ବିଜୟ ସିଂ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀମାନେ ଶିବିରରେ ରକ୍ତ ସଂଗ୍ରହ କରିଥିଲେ । ବିଶ୍ୱଜିତ ମୁଦୁଲି, ଚନ୍ଦନ ବିଶ୍ୱାଳ, ଅଜୟ ବେହେରା, ରାଜେଶ ବେହେରା, ସହଦେବ ପ୍ରଧାନ, ତାପସ ବେହେରା, ଉମାଶଙ୍କର ଦାସ, ରଞ୍ଜିତ ଦାସ ଓ ସ୍ୱେଚ୍ଛାସେବୀ ସୁଜିତ୍ କୁମାର ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ରକ୍ତଦାନ ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ 'ଏକ ପେଡ୍ ମାଁ'ଙ୍କ ନାମରେ' ଅଭିଯାନ ଅନ୍ତର୍ଗତ ବିଭିନ୍ନ ପ୍ରଜାତିର ଚାରା ମଧ୍ୟ ଅତିଥିମାନଙ୍କ ଦ୍ୱାରା ରୋପଣ କରାଯାଇଥିଲା । ରକ୍ତଦାନ ଓ ବୃକ୍ଷରୋପଣ ମାଧ୍ୟମରେ ମାନବସେବା ସହ ପରିବେଶ ସୁରକ୍ଷାର ଦୁଇଟି ବାର୍ତ୍ତା ଏହି କାର୍ଯ୍ୟକ୍ରମରେ ଦିଆଯାଇଥିଲା ।

ସେବା ସଂକଳ୍ପ ଅଭିଯାନ - ୨୦୨୬ ଅବସରରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ

ନୀଳଗିରି, ୧୭/୦୯ (ଆ.ପ୍ର) : ନୀଳଗିରି ଉପଖଣ୍ଡ ସଦର ମହକୁମାରେ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ଜନ୍ମ ଦିବସ ପାଳନ ଅବସରରେ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ସମେତ ଅନ୍ୟାନ୍ୟ ରାଜନୈତିକ ନେତୃବୃନ୍ଦ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଶୁଭମନାସି ଥିଲେ । ଏତଦ୍ ଭିନ୍ନ ନୀଳଗିରି ପଂଚାୟତ ସମିତି ପକ୍ଷରୁ ସେବା ସଂକଳ୍ପ ଅଭିଯାନ - ୨୦୨୬ ଅବସରରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆଙ୍କ କର କମଳରେ ସନ୍ଧ୍ୟା ଘ.୬ଟିକା ସମୟରେ ଦୀପ ପ୍ରଜ୍ୱଳନ କରିଥିବା ବେଳେ ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ସହକାରୀ ଜିଲ୍ଲାପାଳ ରଂଜନ ସେନାପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା,ଏନ୍‌ଏସି କାର୍ଯ୍ୟକାରୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ମଙ୍ଗଳ ସଂପ୍ରସାରଣ ଅଧିକାରୀ ତଥା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଖଟୁଆ ପ୍ରଧାନ ମନ୍ତ୍ରୀଙ୍କ ୭୬ ତମ ଜନ୍ମ ଦିବସ ଏବଂ ଭାରତକୁ ନୀରବଚ୍ଛିନ୍ନ ୨୫ ବର୍ଷ ଜନତାର ସେବାରେ ନିୟୋଜିତ କରି ସେବା, ବିକାଶ, ସୁଶାସନ, ଗରିବୀ କଲ୍ୟାଣ ଓ ମଜବୁତ୍ ସରକାର ଦେଇ ସଶକ୍ତ କରିଥିବାରୁ ତାଙ୍କ ଉଦ୍ଦେଶ୍ୟରେ ଏହି ଆଶୀର୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୀଳଗିରି ପଂଚାୟତ ସମିତିର ମିଶନ ଶକ୍ତି ବିଭାଗର କର୍ମକର୍ତ୍ତା, ପଦାଧିକାରୀ, ଗଣ ମାଧ୍ୟମର ପ୍ରତିନିଧିଗଣ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଜନତା ସାମିଲ ହୋଇଥିଲେ ।

ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକରେ ଦହମୁଣ୍ଡା ହାଇସ୍କୁଲ ପ୍ରଥମ

ଭୋଗରାଇ, ୧୭/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାସ୍କୁଲ ଠାରେ ଗୁରୁବାର ଆୟୋଜିତ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଜିଲ୍ଲାର ମୋଟ ନଅଟି ବ୍ଲକର ଶ୍ରେଷ୍ଠ ନାଟକ ଗୁଡ଼ିକ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ଭୋଗରାଇ ବ୍ଲକ ତରଫରୁ ଦହମୁଣ୍ଡା ହାଇସ୍କୁଲର ଶିକ୍ଷକ ଦେବବ୍ରତ ଦେଙ୍କ ରଚିତ ଓ ଚନ୍ଦନ ଦାସଙ୍କ ନିର୍ଦ୍ଦେଶିତ ବିଜ୍ଞାନ ନାଟକ 'ଉତ୍କଂଠ' ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଦହମୁଣ୍ଡା ହାଇସ୍କୁଲର ଛାତ୍ରୀ ରାଜଲକ୍ଷ୍ମୀ ଦେ ଶ୍ରେଷ୍ଠ ଅଭିନେତ୍ରୀ ଓ ଚନ୍ଦନ କୁମାର ଦାସ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ବିବେଚିତ ହୋଇଛନ୍ତି । ଆସନ୍ତା ସପ୍ତାହରେ ବାରିପଦାଠାରେ ଜୋନାଲ ସ୍ତରୀୟ ବିଜ୍ଞାନ ନାଟକରେ ଦହମୁଣ୍ଡା ହାଇସ୍କୁଲ ଭାଗନେଇ ବାଲେଶ୍ୱର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବ । ପ୍ରଧାନଶିକ୍ଷକ ଆଲୋକ କୁମାର ପ୍ରଧାନ ଓ ଗାଇଡ ଶିକ୍ଷୟିତ୍ରୀ ଜ୍ୟୋତି ଗିରି ତଥା ସହ-ନିର୍ଦ୍ଦେଶକ ଶୁଭମ ସୁନ୍ଦରମ ଦେ (ପିଲୁ) ଏହି ପ୍ରତିଯୋଗୀତାରେ ଯୋଗଦେଇଥିଲେ । ଏହି ସଫଳତା ପାଇଁ ଭୋଗରାଇ ବ୍ଲକ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା, ଭୋଗରାଇ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଦହମୁଣ୍ଡା ଉଚ୍ଚ ବିଦ୍ୟାଳୟକୁ ଅଭିନନ୍ଦନ ଜଣାଇଛନ୍ତି ।

ଗୋପାଳ ଜୀଉ ସଂକୀର୍ତ୍ତନ ମଣ୍ଡଳୀର ହରିନାମ ସଂକୀର୍ତ୍ତନ

ବାଲିଆପାଳ, ୧୭/୦୯ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ହନୁମାନ ମନ୍ଦିର ର ପରିସରରେ ସକାଳ ପାଖରୁ ସନ୍ଧ୍ୟା ପ୍ରଯ୍ୟନ୍ତ ବିଷ୍ଣୁପୁର ଗୋପାଳ ଜୀଉ ସଂକୀର୍ତ୍ତନ ମଣ୍ଡଳୀର ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ମଣ୍ଡଳୀର ମୁଖ୍ୟ ପରିଚାଳକ ସରୋଜ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ଲକ୍ଷ୍ମୀକାନ୍ତ ଦାସ, ମଦନ ମୋହନ ଦାସ, ଭାସ୍କର ବାରିକ, ରବୀନ୍ଦ୍ର, ଗୌରାଙ୍ଗ, ପ୍ରଭାକର, ଗଣେଶ, ବଂଶୀ, ଅରୁଣ, ତରୁଣ, ଘନଶ୍ୟାମ, ଦାଇତରୀ ଗିରି, ଘନଶ୍ୟାମ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ସଂକୀର୍ତ୍ତନ ଆଗାମୀ ଦିନରେ କିପରି ସରସ ସୁନ୍ଦର ହୋଇପାରିବ ଏବଂ ହରି ନାମ ଶ୍ରବଣ କଲେ ମଣିଷକୁ କିଭଳି ମୁକ୍ତି ମିଳିବ ସେହି ସମ୍ପର୍କରେ ଆଗାମୀ ଦିନରେ ମଣ୍ଡଳୀର ସମସ୍ତ କର୍ମକର୍ତ୍ତା ସହିତ ମୁଖ୍ୟ ପରିଚାଳକ ଉପସ୍ଥିତ ସମସ୍ତ ଭାଗବତ ପ୍ରେମୀ ମାନଙ୍କୁ ଅତି ସୁନ୍ଦର ଭାବରେ ବୁଝାଇଥିଲେ ଶେଷରେ ପ୍ରସାଦ ବଂଟନ କରାଯାଇଥିଲା ।

ପ୍ରଧାମନ୍ତ୍ରୀ ମୋଦୀଜୀଙ୍କ ଜନ୍ମଦିନ ଅବସରରେ ଦୀପ ଦାନ ଓ ପୂଜାର୍ଚ୍ଚନା

ନୀଳଗିରି, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ନୀଳଗିରି ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୁରୁବାର ସକାଳୁ ମହାପ୍ରଭୁଙ୍କ ନିକଟରେ ତାଙ୍କର ଦୀର୍ଘାୟୁ ଓ ସୁସ୍ଥ ନିରାମୟ ଜୀବନ ପାଇଁ ପୂଜା ଅର୍ଚ୍ଚନା ସହିତ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ଆହୁରି ଶକ୍ତି, ସାମର୍ଥ୍ୟ ଓ ଆଶୀର୍ବାଦ ପ୍ରଦାନ କରନ୍ତୁ । ଯାହାଦ୍ୱାରା ସେ ନିଷ୍ଠା ଓ ସମର୍ପଣର ସହ ଦେଶ ଓ ସମାଜ ସେବାରେ ନିରନ୍ତର ନିୟୋଜିତ ରହିପାରନ୍ତୁ ବୋଲି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାମନା କରିଥିଲେ । ଏହି ଦୀପ ଦାନ ଓ ପୂଜାର୍ଚ୍ଚନା

କାର୍ଯ୍ୟକ୍ରମରେ ସାଂସଦଙ୍କ ସହିତ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ନଗରମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ନେତୃତ୍ୱ, ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଉପସ୍ଥିତ ରହି ଦୀପ ଯଜ୍ଞ ଓ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ ।

ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଭୋଗରାଇ, ୧୭/୦୯ (ଆ.ପ୍ର) : ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଂଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମର ସ୍ୱର୍ଗତ ମଧୁସୂଦନ ଜେନାଙ୍କ ପୁତ୍ର ଅନିରୁଦ୍ଧ ଜେନା (୪୮) ଆଜି ସକାଳ ପ୍ରାୟ ୮ ଟା ସମୟରେ ନିଜ ଗ୍ରାମର ବିଲକୁ ଘାସ କାଟିବା ପାଇଁ ଯାଇଥିଲେ । ବିଲରୁ ଘାସ କାଟି ଆସିବା ସମୟରେ ୫୭ ନମ୍ବର ରାଜ୍ୟ ରାଜପଥକୁ ଲାଗିଥିବା ନୟନ ଯୋଡ଼ିରେ ଭାସୁଥିବା ଦେଖି କିଛି ସ୍ଥାନୀୟ ଲୋକେ ଦେଖିବାକୁ ପାଇ ଅନିରୁଦ୍ଧର ପରିବାର ଲୋକଙ୍କୁ ଖବର ଦେଇଥିଲେ । ଘରଲୋକେ ଖବର ପାଇଁ ବହୁ ଭାଇ ଅନିରୁଦ୍ଧଙ୍କୁ ସଙ୍ଗେ ସଙ୍ଗେ ଜଳେଶ୍ୱରରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇଁ ପୋଲିସ ପହଂଚି ଶବକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଏନେଇ ଭୋଗରାଇ ଥାନାରେ ୩୧/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୯ ତମ ଜନ୍ମ ମହାମହୋତ୍ସବ ପାଳିତ

ଅନୁଗୋଳ, ୧୭/୦୯ (ଆ.ପ୍ର) :ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶୁଭ ୧୩୯ ତମ ଜନ୍ମ ମହାମହୋତ୍ସବ ଅନୁଗୋଳ ସତସଙ୍ଗ ବିହାର ପରିସରରେ ମହାସମାରୋହ ସହକାରେ ଅନୁଷ୍ଠିତ ହୋଇଯାଇଛି । ଋତ୍ୱିକ ମାଧବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଜନ୍ମ ମହୋତ୍ସବରେ ଭୁବନେଶ୍ୱର ସତସଙ୍ଗ କେନ୍ଦ୍ରର ଋତ୍ୱିକ କୈଳାସ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭଲ ମଣିଷ ହେବାକୁ ହେଲେ ଜୀବନରେ ଇଷ୍ଟ ଆଦର୍ଶକୁ ଗ୍ରହଣ କରି ତାଙ୍କ ନିର୍ଦ୍ଦେଶିତ ପଥରେ ଚାଲିବା ଦରକାର ବୋଲି ଉପସ୍ଥିତ ସତସଙ୍ଗୀ ଗୁରୁଭ୍ରାତା, ଗୁରୁମା ମାନଙ୍କୁ ଉପଦେଶ ଦେଇଥିଲେ । ଶ୍ରୀ ବେହେରା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶ ଓ ଜୀବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସକାଳରେ ବେଦ ମାଙ୍ଗଳିକ ଓ ନହବତ, ଉଷା କୀର୍ତ୍ତନ, ସମବେତ ପ୍ରାତଃ ବିନତୀ, ଭକ୍ତି ସଂଗୀତାଞ୍ଜଳି, ମାତୃ ସମ୍ମିଳନୀ, ସତସଙ୍ଗ ସତାଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ସନ୍ଧ୍ୟା ବିନତୀ ଓ ନାମ ସଂକୀର୍ତ୍ତନ ଆୟୋଜନ ହୋଇଥିଲା । ଋତ୍ୱିକ ନିମାଇଁ ଚରଣ ବେହେରା, ଋତ୍ୱିକ ତାରାକାନ୍ତ ବେହେରା, ଋତ୍ୱିକ ଅଶୋକ କୁମାର ଗଡ଼ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାରୁ ଏକ ହଜାରରୁ ଉର୍ଦ୍ଧ୍ୱ ସତସଙ୍ଗୀ ଗୁରୁମା, ଗୁରୁଭ୍ରାତା ଯୋଗଦେଇଥିଲେ । ଶେଷରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

ଛାତରୁ ଖସି ପଡ଼ି ଚାଲିଗଲା ଜୀବନ

ନୀଳଗିରି, ୧୭/୦୯ (ଆ.ପ୍ର) : ସକାଳର ପୂଜା ପାଇଁ ଫୁଲ ତୋଳିବାକୁ ଯାଇଥିବା ବେଳେ ଘଟିଗଲା ଏକ ବଡ ଅଘଟଣ । ଛାତ ଉପରୁ ଖସିପଡ଼ି ଚାଲିଗଲା ଜୀବନ । ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ୍‌ଏସି ୨ ନମ୍ବର ୱାର୍ଡ ଘାଟଘରସାହି ରେ ଘଟିଛି ଏଭଳି ଦୁଃଖଦ ଘଟଣା । ସୂଚନାରୁ ଜଣାଯାଇଛି, ପପୁ ଜେନାଙ୍କ ପୁଅ ଆଦିତ୍ୟ ଜେନା (୧୪) ଗୁରୁବାର ସକାଳ ପ୍ରାୟ ୬ ଘଟିକା ସମୟରେ ପୂଜା ପାଇଁ ଛାତ ଉପରକୁ ଯାଇ ଫୁଲ ତୋଳୁ ଥିଲେ । ତେବେ ହଠାତ୍ ଅସାବଧାନତା ବଶତଃ ପାଦ ଖସି ଯିବାରୁ, ସେ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ । ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣି, ତାଙ୍କୁ ତୁରନ୍ତ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ମେଡିକାଲରେ ଡାକ୍ତର ଆଦିତ୍ୟଙ୍କୁ ମୃତ ଘୋଷଣା କରିଥିଲେ । ସେ ନବମ ଶ୍ରେଣୀରେ ପାଠ ପଢୁଥିବା ଜାନଯାଇଛି । ଏ ନେଇ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ଓ 'ସେବା ମାସ' ପାଳନ

ଲକ୍ଷ୍ମୀନାରାୟଣ ମନ୍ଦିରରେ ସାମୂହିକ ପ୍ରାର୍ଥନା ଓ ଦୀପ ପ୍ରଜ୍ୱଳନ

ବାଲେଶ୍ୱର, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭ ଜନ୍ମଦିନ ତଥା 'ସେବା ମାସ' ଅବସରରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରି ସ୍ଥାନୀୟ ଓଟି ରୋଡ୍‌ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ସାମୂହିକ ପ୍ରାର୍ଥନା ଏବଂ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର-ଭଦ୍ରକ ସେଂଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ଅମିତ ନାୟକ, ଦେବାଶିଷ ସିଂହ, ଭାଗବତ ସାହୁ, ଅଜୟ ସାମଲ, ଘନଶ୍ୟାମ ଗିରି, ରବିନାରାୟଣ ପାଣିଗ୍ରାହୀ, ଯୁବନେତା ସିମନ ଦାସ ମହାପାତ୍ର, ଅସିତ ଦାସ, ଶକ୍ତିପଦ ରାୟ, ଉମେଶ ବେହେରା, ଛାତ୍ରନେତା ଶୁଭମ ସାଇ ମହାପାତ୍ର ଏବଂ ମହିଳା ନେତ୍ରୀ ଆଶ୍ରିତା ତରାଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବହୁ ସଂଖ୍ୟାରେ ମହିଳା, ଯୁବ ଓ ଛାତ୍ର କାର୍ଯ୍ୟକର୍ତ୍ତା ସାମିଲ ହୋଇ ସାମୂହିକ ଦୀପ ପ୍ରଜ୍ୱଳନ କରିବା ସହ ଦେଶର ଉନ୍ନତି ତଥା ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରିଥିଲେ ।

ଜଗନ୍ନାଥ ଜ୍ୟୋତିଷ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

ବାଲିଆପାଳ, ୧୭/୦୯ (ଆ.ପ୍ର) : ବିଘ୍ନରାଜ ଗଜାନନଙ୍କ ଆଗମନରେ ପାର୍ବଣର ଉତ୍ସବ ଶୁଭାରମ୍ଭ ହୋଇଛି । ଏହି ପବିତ୍ର ଗଣେଶ ପୂଜା ଉପଲକ୍ଷେ ବାଲିଆପାଳ ପାରୁଳିଆ ଛକ ନିକଟରେ ଥିବା ଜଗନ୍ନାଥ ଜ୍ୟୋତିଷ କାର୍ଯ୍ୟାଳୟ ପକ୍ଷରୁ ବାଲିଆପାଳ ବ୍ଲକର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଅଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜ୍ୟୋତିଷ କାର୍ଯ୍ୟାଳୟର ସଂଚାଳକ ଅଭିମନ୍ୟୁ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ତଥା ସରକାରୀ ଓକିଲ ଅର୍ଦ୍ଧେନ୍ଦୁ ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବାଲିଆପାଳ ଅଂଚଳର ବିଶିଷ୍ଟ ଶିକ୍ଷାବିତ ତଥା ଜଗନ୍ନାଥ ସେବା ସଂସ୍ଥାର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ବିଶିଷ୍ଟ କଳାକାର ସଦାନନ୍ଦ ଦାସ,ମଦର ଟେରେସା ଅନ୍ଧମୂକ ବଧିର ବିଦ୍ୟାଳୟ ତଗରାର ଅଧକ୍ଷା ଶକୁନ୍ତଳା ପ୍ରଧାନ ଏବଂ ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷୟିତ୍ରୀ ସଞ୍ଜୁବାଳା ମହାନ୍ତିଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦିନରେ ଜଗନ୍ନାଥ ଜ୍ୟୋତିଷ କାର୍ଯ୍ୟାଳୟ ପକ୍ଷରୁ ଏହି ଅଂଚଳର ଅନ୍ୟାନ୍ୟ ପ୍ରତିଭାବାନ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ଅଭିମନ୍ୟୁ ଦାସ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ପ୍ରଦୀପ ଦାସ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିବା ବେଳେ ଗୋଷ୍ଠୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ପରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଦୀପ ପ୍ରଜ୍ୱଳନ

ଜଗତସିଂହପୁର, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୬ ତମ ଜନ୍ମ ଦିବସ ଅବସରରେ ପଳାଶୋଳ ୟୁଥ୍ ହେଲ୍ପ ଫିଙ୍ଗ ବଏ ଚାରୀଟେବୁଲ ଟ୍ରଷ୍ଟର କାର୍ଯ୍ୟାଳୟ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଟ୍ରଷ୍ଟର ସଭାପତି ତଥା ସମାଜସେବୀ ଅକ୍ଷୟ କୁମାର ମହାନ୍ତି(କାଳିଆ ସାରେ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଳାଶୋଳ ପଂଚାୟତର ସମସ୍ତ ୱାର୍ଡମେମ୍ବର ମାନଙ୍କ ସମେତ ଟ୍ରଷ୍ଟର ଉପସଭାପତି ରିତୁରିଜମହାନ୍ତୀ, ଟ୍ରଷ୍ଟର ସଭ୍ୟ ମାନସକାଣ୍ଡି, ସୁରଜ ବେହେରା, ହେମ ସେଠୀ, ପଡିଆ ସେଠୀଙ୍କ ସମେତ ସଭ୍ୟ ଉପସ୍ଥିତ ଥିଲେ ।

ସ୍ୱର୍ଗତ ପିତାମ୍ବର ପାତ୍ରଙ୍କ ଏକାଦଶାହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୀଳଗିରି, ୧୭/୦୯ (ଆ.ପ୍ର) : ଚଳିତ ୧୫ ତାରିଖ ଅପରାହ୍ନ ରେ କସବା ଜଳପୁର ଗ୍ରାମ ପଂଚାୟତ ର ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ପିତାମ୍ବର ପାତ୍ର ଙ୍କ ଘର ଅଗଣା ରେ ସ୍ୱର୍ଗତ ପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ସେ ଜଣେ ମେଳାପୀ, ପରୋପକାରୀ, ମଣିଷ ଥିଲେ । ତାଙ୍କର ଏହି ଶ୍ରଦ୍ଧାଂଜଳି ସଭା ରେ ସମାଜସେବୀ ତଥା ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସମସ୍ତ ଉପସ୍ଥିତ ଅତିଥି ତଥା ଉକ୍ତ ପଂଚାୟତର କଂଗ୍ରେସ କର୍ମୀ ଏବଂ ତାଙ୍କର ବନ୍ଧୁ ବାନ୍ଧବ, ଜ୍ଞାତି କୁଟୁମ୍ବଙ୍କ ସହିତ ସ୍ୱର୍ଗତ ପାତ୍ରଙ୍କ ଫୋଟ ଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ତତ୍ପରେ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ୩ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହା ପରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଥିଲା । ଉକ୍ତ ସଭାରେ ପଣପଣା ଗ୍ରାମ ପଂଚାୟତର କଂଗ୍ରେସ ନେତା ବସନ୍ତ ମହାପାତ୍ର ମଂଚ ପରିଚାଳନା କରି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ପଂଚାୟତର ବସନ୍ତ କୁମାର ଜେନା, ଦାମୋଦର ଦାସ, ରଘୁନାଥ ଜେନା, ପ୍ରୀତିଶଙ୍କର ମହାପାତ୍ର, ଜ୍ୟୋତି ଶଙ୍କର ମହାପାତ୍ର, ଅମୀୟ ଦାସ, ଅଲେଖ ଚନ୍ଦ୍ର ଦାସ, ସରୋଜ ପାତ୍ର, ପ୍ରଭାକର ରାଉତ, ଶରତ ଚନ୍ଦ୍ର ଜେନାଙ୍କ ସହିତ ସ୍ୱର୍ଗତ ପାତ୍ରଙ୍କ ପୁତ୍ର ବିଭୁତି ପାତ୍ର ଓ ଜିଲ୍ଲା କଂଗ୍ରେସ ଉପ ସଭାପତି ରାମ କୃଷ୍ଣ ଜେନା, ନୀଳଗିରି ନଗର କଂଗ୍ରେସ ସଭାପତି ଉପେନ୍ଦ୍ର ବେହେରା, ପଣପଣା ଗ୍ରାମ ପଂଚାୟତ ପୂର୍ବତନ ସରପଂଚ ଦୟାନିଧି ଗିରି, ନୀଳଗିରି ବ୍ଲକ ଉପସଭାପତି ସୁରେନ୍ଦ୍ର ଦାସଙ୍କ ସହିତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ । ତାଙ୍କର ସ୍ମୃତି ଉଦ୍ଦେଶ୍ୟ ରେ ଉକ୍ତ ପଂଚାୟତ ରେ କୌଣସି ଛକ ଜାଗା ବା ଫାଙ୍କା ପଡିଆରେ ଏକ ବଟ ବୃକ୍ଷ ଲଗାଯିବ ଏବଂ ଉକ୍ତ ବଟ ବୃକ୍ଷର ନାମ ପିତାମ୍ବର ବଟ ରଖାଯିବ ବୋଲି ମୁଖ୍ୟ ଅତିଥି ଶ୍ରୀ ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ । ଉକ୍ତ ମତକୁ ସମଗ୍ର ପାତ୍ର ପରିବାର ଓ ପଂଚାୟତର ସମସ୍ତ ନେତୃତ୍ୱ ଗ୍ରହଣ କରି ଥିଲେ । ପରିଶେଷରେ ଅଲେଖ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ ଦେଇଥିଲେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସଂସ୍କାରରୁ ଶୁଦ୍ଧିକରଣ

ମନୁଷ୍ୟ ଜୀବନରେ ସଂସ୍କାରର ବଡ଼ ମହତ୍ତ୍ୱ ରହିଥାଏ । ସଂସ୍କାରର ମୂଳ ଅର୍ଥ ସୁଦ୍ଧିକରଣ ବା ପରିମାର୍ଜନ ଅଟେ । ଏବଂ ଏହି ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ନିଜର ସହଜ ପ୍ରବୃତ୍ତି ଗୁଡ଼ିକର ପୂର୍ଣ୍ଣ ବିକାଶ କରି ନିଜର ଏବଂ ସମାଜର ଉଭୟର କଲ୍ୟାଣ କରିଥାଏ । ଏହି ସଂସ୍କାର ହିଁ ମନୁଷ୍ୟର ପ୍ରକୃତ ସୁଦ୍ଧିକରଣ କରିଥାଏ ଏବଂ ମନୁଷ୍ୟ ଭିତରେ ପବିତ୍ରତା ଆଣିଥାଏ । ଯେଉଁ ସୁଦ୍ଧିକରଣ ଦ୍ୱାରା ମନୁଷ୍ୟର ଶରୀର, ମନ ଓ ମସ୍ତିଷ୍କ ବଳବାନ୍ ହୋଇ ସେ ସମାଜରେ ନିଜର ଭୂମିକା ଆଦର୍ଶର ସହ ପାଳନ କରିପାରିଥାଏ । ଆମର କଥା , ବାର୍ତ୍ତା , ବ୍ୟବହାର ଏବଂ ଆଚରଣରେ ହିଁ ଆମ ସଂସ୍କାର ଲୁଚି ରହିଥାଏ । ଯାହାକି ଆମକୁ ସମାଜରେ ପୂର୍ଣ୍ଣତା ଅର୍ଥାତ୍ ପୂର୍ଣ୍ଣ ସଦସ୍ୟତା ପ୍ରାପ୍ତି କରାଇଥାଏ । ଆମ ହିନ୍ଦୁ ଧର୍ମର ସଂସ୍କୃତି ଏହି ସଂସ୍କାର ଉପରେ ହିଁ ଆଧାରିତ ଅଟେ । ଆମ ଋଷି - ମୁନି ମାନେ ମନୁଷ୍ୟ ଜୀବନକୁ ପରିମାର୍ଜିତ ଅର୍ଥାତ୍ ପବିତ୍ର କରିବା ପାଇଁ ହିଁ ଏହି ସଂସ୍କାରର ଆବିଷ୍କାର କରିଥିଲେ । ଆମ ଭାରତୀୟ ସଂସ୍କୃତିର ମହାନତା ଏହି ସଂସ୍କାରରୁ ହିଁ ଅବଗତ ହୋଇଥାଏ । ବ୍ୟାସ ସ୍ମୃତିରେ ଷୋଳଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଏବଂ ଆମ ଧର୍ମ ସଂସ୍କୃତିରେ ମଧ୍ୟ ମୁଖ୍ୟ ରୂପରେ ଏହି ଷୋଳ ଗୋଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଯଥା :- ଗର୍ଭାଧାନ ସଂସ୍କାର, ପୁଂଶବନ ସଂସ୍କାର, ସୀମନ୍ତୋନୟନ ସଂସ୍କାର, ଜାତକର୍ମ ସଂସ୍କାର, ନାମକରଣ ସଂସ୍କାର, ନିଷ୍କ୍ରମଣ ସଂସ୍କାର, ଅନ୍ନପ୍ରାସନ ସଂସ୍କାର, ମୁଣ୍ଡନ୍ ସଂସ୍କାର, କର୍ଣ୍ଣବେଧନ ସଂସ୍କାର, ବିଦ୍ୟାରମ୍ଭ ସଂସ୍କାର, ଉପନୟନ ସଂସ୍କାର, ବେଦାରମ୍ଭ ସଂସ୍କାର, କେଶାନ୍ତ ସଂସ୍କାର, ସମାବର୍ତ୍ତନ ସଂସ୍କାର, ବିବାହ ସଂସ୍କାର ଓ ଅନ୍ତ୍ୟେଷ୍ଟି ସଂସ୍କାର ଇତ୍ୟାଦି । ଆମ ଦେଶର ମହାନ୍ ସଂସ୍କୃତି ଏକ ପ୍ରକାର ଏହି ସଂସ୍କାରର ହିଁ ଅଟେ । ଯାହା ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ବଡ଼ ମହତ୍ତ୍ୱ ରହିଥାଏ। ଏହି ସଂସ୍କାରର ହିଁ ଜୀବନର ଆଭୂଷଣ ହୋଇଥାଏ ଯାହା ବ୍ୟକ୍ତିର ମୂଲ୍ୟ ଏବଂ ସମ୍ମାନ କୁ ବହୁତ୍ ମାତ୍ରାରେ ବଢ଼ାଇ ଥାଏ । ଯେପରି ସୁନାକୁ ଆମେ ଯେତେ ନିଆଁରେ ପକାଇବା ସେ ସେତେ ଅଧିକ ଚିକ୍ ମିକ୍ କରିବ, ଠିକ୍ ସେହିପରି ଜଣେ ବ୍ୟକ୍ତି ମଧ୍ୟ ଯେତେ ପରିମାର୍ଜିତ ଅର୍ଥାତ୍ ସଂସ୍କାରି ହେବ ସେ ସେତେ ଅଧିକ ସମାଜରେ ସଫଳ ଏବଂ ସମ୍ମାନିତ ହେବ । ଗୋଟିଏ ଶିଶୁର ମନ ଉପରେ ବଡ଼ ମାନଙ୍କ ଦ୍ୱାରା ହେଉଥିବା ସମସ୍ତ କଥା, ବାର୍ତ୍ତା ଏବଂ କାର୍ଯ୍ୟର ବହୁତ୍ ବଡ଼ ପ୍ରଭାବ ପଡ଼ିଥାଏ । ଗୋଟିଏ ଛୋଟ ପିଲା ଅର୍ଥାତ୍ ଶିଶୁ ଯାହା ଦେଖିବା, ଶୁଣିବ ଅନ୍ୟମାନଙ୍କ ଠାରୁ ସେ ସବୁ ହିଁ ତାହାର ସଂସ୍କାର ପାଲଟି ଯାଇଥାଏ । ଜୀବନର ପ୍ରାରମ୍ଭିକ ଦିନ ମାନଙ୍କରେ ଯେଉଁ ସଂସ୍କାର ଗୁଡ଼ିକ ଭରା ଯାଇଥାଏ ତାହା ହିଁ ପରବର୍ତ୍ତୀ ସମୟରେ ତାର ପ୍ରକୃତ ଜୀବନ ପାଲଟି ଯାଇଥାଏ । ଆମେ ଯଦି ପ୍ରାଚୀନ କାଳ ଅଥବା ଇତିହାସ କୁ ଦେଖିବା ତାହେଲେ ବହୁତ୍ ଗୁଡ଼ିଏ ଉଦାହରଣ ଆମକୁ ମିଳିବ ଯେଉଁ ମାନେ କି ନିଜ ଜୀବନର ଆରମ୍ଭରେ ହିଁ ନିଜ ପିତା,ମାତା ଅଥବା ନିଜ ଗୁରୁଜନ ମାନଙ୍କର ବ୍ୟବହାର ଓ ଆଚରଣରେ ହିଁ ପ୍ରଭାବିତ ହୋଇ ନିଜକୁ ଏକ ସଂସ୍କାରବାନ୍ କରାଇ ବହୁତ୍ ପ୍ରତିଷ୍ଠିତ ହୋଇପାରିଛନ୍ତି ଏବଂ ନାଁ କମାଇ ପାରିଛନ୍ତି । ବ୍ୟକ୍ତିର ଚରିତ୍ର ଏହି ସଂସ୍କାରରୁ ହିଁ ପରିମାର୍ଜିତ ହୋଇପାରିଥାଏ । ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଭଲ ହୋଇଥାଏ, ସେ ବ୍ୟକ୍ତିର ଚରିତ୍ର ମଧ୍ୟ ସେତେ ଅଧିକ ଭଲ ହୋଇଥାଏ । ଏବଂ ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଖରାପ ହୋଇଥାଏ, ସେ ବ୍ୟକ୍ତିର ସଂସ୍କାର ମଧ୍ୟ ସେତେ ଅଧିକ ହିନ ହୋଇଥାଏ ।ଶିକ୍ଷ୍ୟା ଠାରୁ ମଧ୍ୟ ସଂସ୍କାର ଅଧିକ ମହତ୍ତ୍ୱ ରହିଅଛି ।

ଅନ୍ନଂ ବ୍ରହ୍ମ : ନୂଆଖାଇର ନିଆରା ଧାରା

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ, ଈଶ୍ୱର । ପ୍ରତ୍ୟେକ ଏହି ଅନ୍ନରୁ ଜାତ ହୁଅନ୍ତି । ଅନ୍ନ ଯୋଗୁଁ ଜୀବନ ଧାରଣ କରନ୍ତି ଏବଂ ମୃତ୍ୟୁ ପରେ ଅନ୍ୟ ମାନଙ୍କ ପାଇଁ ସେମାନେ ଅନ୍ନ ହୋଇଯାଆନ୍ତି । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଅନ୍ନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଜୀବନ ଧାରଣର ମାଧ୍ୟମ, ଆନନ୍ଦର ଉତ୍ସ ଏବଂ ଆତ୍ମାର ଅଙ୍ଗ । ତେଣୁ ପ୍ରାଣ ଧାରଣ ପାଇଁ ଯିଏ ଅସରନ୍ତି ଭାବେ ଖାଦ୍ୟ ସମ୍ଭାରର ସନ୍ଧାନ ଦିଅନ୍ତି, ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଉଦ୍ଦେଶ୍ୟରେ ନବାନ୍ନ ପର୍ବର ସୃଷ୍ଟି । ଭାରତରେ ଆବାହମାନ କାଳରୁ ପ୍ରଚଳିତ ବହୁ ପର୍ବପର୍ବାଣି ମଧ୍ୟରୁ ଶସ୍ୟ ପୂଜା ବା ନବାନ୍ନ ପର୍ବ ଏକ ପ୍ରାଚୀନ ପର୍ବ । ଭାରତର ବିଭିନ୍ନ ସ୍ଥାନରେ, ବିଭିନ୍ନ ସମାଜରେ, ବିଭିନ୍ନ ଧର୍ମରେ ଏହି ପର୍ବ ପାଳନ କରାଯାଏ, ମାତ୍ର ପଶ୍ଚିମ ଓଡ଼ିଶା ଭଳି ଏତେ ସାମୂହିକ ଭାବରେ ନୁହେଁ ।

ବହୁ ପ୍ରାଚୀନ କାଳରୁ ଅନ୍ନକୁ ଭଗବାନଙ୍କ ଅନ୍ୟରୂପ ଏବଂ ତାଙ୍କ ଦାନର ସ୍ୱରୂପ ରୂପରେ କଳ୍ପନା କରାଯାଇଛି । ସଂସାରର ଜଞ୍ଜାଳ ମଧ୍ୟରେ ମଣିଷ ନିଜକୁ ଖୁବ୍ ଛୋଟ ମନେ କରେ, ମାତ୍ର ଏପରି ଏକ ସୁଯୋଗ ଖୋଜେ ଯାହାର ମାଧ୍ୟମରେ କି ସେଇ ପୃଥିବୀର ସଂକୀର୍ଣ୍ଣ ପରିସର ଉର୍ଦ୍ଧ୍ୱରେ ରହି ଏକ ସ୍ଥିର ଚିନ୍ତନରେ ରହି ସେଇ ଭଗବତ୍ ଶକ୍ତି ସହ ସମ୍ମିଳିତ ହୋଇପାରିବ । ଏଇ ଚିନ୍ତନ ହିଁ ରୂପରେଖ ନେଇଛି ନାନା ପର୍ବ ଓ ପର୍ବାଣି, ପୂଜା ଓ ପାଠ ମାଧ୍ୟମରେ । ଆଉ ଏହିପରି ଅନେକ ପର୍ବ ମଧ୍ୟରେ ନବାନ୍ନ ପର୍ବ ଅନ୍ୟତମ । ଏହାକୁ ପଶ୍ଚିମ ଓଡ଼ିଶାରେ ନୂଆଖାଇ ନାମରେ ଜଣାଯାଏ । ଭାରତର ଅନ୍ୟାନ୍ୟ ପ୍ରଦେଶରେ ତଥା ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ନୂତନ ଅନ୍ନକୁ ଭଗବାନଙ୍କ ପାଖରେ ଦେଇ ତାହା ପରେ ତାକୁ ନିଜେ ଗ୍ରହଣ କରିବା ବିଧି ପ୍ରଚଳିତ ଥିଲେ ମଧ୍ୟ 'ନୂଆଖାଇ' ପର୍ବ ତା ଠାରୁ ବହୁତ ଅଲଗା । କେତେକ ସ୍ଥାନରେ ବିଜୟାଦଶମୀ ଏବଂ ଅନ୍ୟ କେତେକ ସ୍ଥାନରେ ଦୀପାବଳୀ ଓ ଅନ୍ୟ ଭଲ ଦିନ ଦେଖି ନବାନ୍ନ ଭକ୍ଷଣ କରାଯାଇଥାଏ । ଅର୍ଥାତ୍ ନୂଆଖାଇ ପାଳନ କରାଯାଇଥାଏ । ଏହି ଦିବସରେ ପୂର୍ବ ଦିନରୁ ନୂତନ ଧାନ ସଂଗ୍ରହ କରାଯାଏ । ଦିବସର ପାହାନ୍ତିଆରୁ ଘରର ବୋହୂ ସ୍ନାନାଦି ସାରି ସମଗ୍ର ଅଂଚଳଟିକୁ ପରିଷ୍କାର କରି ରଖନ୍ତି । ଏହି ଦିନ ପ୍ରତ୍ୟେକ ଘରେ ପିଠାପଣା, କ୍ଷୀରି ତଥା ଅନ୍ୟ ପୂଜା ସାମଗ୍ରୀ ତିଆରି ହୁଏ । ପ୍ରଥମେ ତାହା ଇଷ୍ଟଦେବ ବା ମହାଲକ୍ଷ୍ମୀଙ୍କ ଆଗରେ ପୂଜା କରାଯାଇଥାଏ । ପୂଜା ପରେ ଘରର ସଭିଏଁ ଏକତ୍ର ବସି ଏହି ପ୍ରସାଦ ସେବନ କରନ୍ତି । ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବଙ୍କ ଦର୍ଶନ କରାଯାଏ ଏବଂ ତା ପରେ ସାନ ମାନେ ବଡ଼ ମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି । କେବଳ ଯେ ପାରିବାରିକ କ୍ଷେତ୍ରରେ ଏହା ସୌହାର୍ଦ୍ଦ୍ୟର ସଂହତି ସ୍ଥାପନ କରେ ତାହା ନୁହେଁ, ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଉପାଦେୟତା ରହିଛି । ନବାନ୍ନ ଦିନ ନୂଆ ଅନ୍ନ ଭକ୍ଷଣ ପରେ ବଡ଼ମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଏହାର ଅନ୍ୟ ଏକ ମୁଖ୍ୟ ଅଙ୍ଗ । ନୂଆଖାଇ ଜୁହାର ବର୍ତ୍ତମାନ ଏହି ଦିବସର ସାମାଜିକ ପରମ୍ପରା । ନବାନ୍ନ ଭକ୍ଷଣ ପରେ ଦେବଦର୍ଶନ ଆରମ୍ଭ ହୋଇଥାଏ । ଲୋକେ ବ୍ୟକ୍ତିଗତ ଭାବରେ ହେଉ ବା କୀର୍ତ୍ତନ ସହ ଦଳଗତ ଭାବେ ହେଉ ଦେବୀ ଦେବୀ ମନ୍ଦିରଗୁଡ଼ିକୁ ଦର୍ଶନ ପାଇଁ ଯାଇଥାନ୍ତି । ଏହି ଦିବସରେ ହସଖୁସିରେ ଲୋକେ ପରସ୍ପରକୁ ଜୁହାର କରି ଜୀଇଁ ଜାଗିଥିଲେ ବରଷେ ବୋଲି କହିଥାନ୍ତି । ଅର୍ଥାତ୍, ଭଗବାନଙ୍କ ଦୟାରୁ ଜୀବନରେ ଥିଲେ ପୁଣି ଏପରି ଏକ ମଧୁମୟ ଉତ୍ସବ ପାଳନ କରିବାର ସୁଯୋଗକୁ ଅତି ଆଗ୍ରହଭରା ପ୍ରାଣରେ ଅପେକ୍ଷା କରିବାର ଆଶପୋଷଣ କରାଯାଏ । ଏଥିସହ ଆଗାମୀ ବର୍ଷ ପୁଣି ନୂତନ ଫସଲ ଉପୁଜାଇ ଏଇ ଉତ୍ସବର ପାଳନ ପାଇଁ ଚାଷୀ ସଂକଳ୍ପ ନେଇଥାଏ । ତେଣୁ ଏହାକୁ ସଂକଳ୍ପ ଦିବସ ମଧ୍ୟ କୁହାଯାଏ ।

ନୂଆଖାଇର ଚେତନା ପଛରେ ମୂଳ ସାମାଜିକ ତାତ୍ପର୍ଯ୍ୟ ରହିଛି ଖାଦ୍ୟ ହିଁ ଭଗବାନ । ତେଣୁ ଖାଦ୍ୟକୁ ନଷ୍ଟ ନକରିବା ଏବଂ ପ୍ରତିଦିନ ନିଜ ଖାଦ୍ୟ ପ୍ରସ୍ତୁତିରୁ କିଛି ସଂଚୟ କରି ଖାଦ୍ୟ ପାଉ ନଥିବା ଲୋକମାନଙ୍କୁ ନାରାୟଣ ସେବା ଭାବରେ ଶ୍ରେଷ୍ଠ ସେବାରେ ଜୀବନକୁ ବ୍ରତୀ କରିବାର ଭାବାବେଗ । ନୂଆଖାଇ କେବଳ ପର୍ବ, ପରମ୍ପରା ବା ଧର୍ମୀୟ ଚିନ୍ତାଧାରା ନୁହେଁ ଏହା ପରିବାରରେ ଭାତୃତ୍ୱବୋଧ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଖାଦ୍ୟକୁ ସମ୍ମାନ ସହ ସମାଜ ପ୍ରତି ନିଜର ଦାୟିତ୍ୱବୋଧତାକୁ ଗ୍ରହଣ କରି ସମାଜ ସେବାରେ ନିଜକୁ ନିୟୋଜିତ କରିବାର ମହତ୍ ଉଦ୍ଦେଶ୍ୟ ଏହି ନୂଆଖାଇରୁ ଆରମ୍ଭ ହେଉ ଏହା ହିଁ ନୂଆଖାଇର ଭାବନା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୬୨୮୧୦

ନୂଆଖାଇ

॥ ଅଲେଖ ଚନ୍ଦ୍ର ସାମଲ ॥

ନୂଆଁଖାଇ ବା ନୂଆଖାଇ ପଶ୍ଚିମ ଓଡ଼ିଶାର ଏକ ପାରମ୍ପରିକ ପର୍ବ । ପାଞ୍ଜି ଅନୁସାରେ ଭାଦ୍ରବ ମାସ ଶୁକ୍ଳ ପଂଚମୀ ତିଥିରେ ଏହା ପାଳନ ହୋଇଥାଏ । ଧାନ ଅମଳ ଖୁସିରେ ଚାଷୀମାନେ ନୂଆଖାଇ ପର୍ବ ପାଳନ କରିଥାନ୍ତି । ବର୍ଷା ଶେଷ ହେବା ପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ । ଚାଷୀ ପ୍ରଥମ କରି ଅମଳ କରିଥିବା ଧାନକୁ ଇଷ୍ଟ ଦେବୀଙ୍କ ଠାରେ ସମର୍ପଣ କରିଥାଏ । ଯାହା ନବାନ୍ନ ନାମରେ ସର୍ବତ୍ର ପ୍ରସିଦ୍ଧ । ଏହାକୁ ପଶ୍ଚିମଓଡ଼ିଶାର ଆଂଚଳିକ ଭାଷାରେ ନୂଆଖାଇ କୁହାଯାଏ । ଏଥି ନିମନ୍ତେ ଆଗରୁ ଲଗ୍ନ ବା ତିଥି ନିର୍ଣ୍ଣୟ କରି ପୂଜା ସହ ଆରିସା ପିଠା ଆଦି ଭୋଗ କରାଯାଏ ।

ଆଗକାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମାନୁସାରେ ନୂଆଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ । ରାଜାଙ୍କ ଶାସନ ପରେ ମଧ୍ୟ ତାଙ୍କ ଇଷ୍ଟଦେବୀଙ୍କ ନାମାନୁସାରେ ପଣ୍ଡିତମାନେ ନବାନ୍ନ ଭକ୍ଷଣ ତିଥି ବାହାର କରୁଥିଲେ । ତେଣୁ ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ପାଳିତ ନହୋଇ ଭାଦ୍ରବ ଶୁକ୍ଳପକ୍ଷର ଯେ କୌଣସି ତିଥିରେ ପାଳିତ ହେଉଥିଲା । ତାପରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁପଟ୍ଟନାୟକ ନିର୍ଦ୍ଦିଷ୍ଟ ଦିନରେ ନୂଆଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରି ଓଡ଼ିଶାରେ ସରକାରୀ ଛୁଟି କରିବା ପାଇଁ ଘୋଷଣା କରିଥିଲେ । ସେହିବର୍ଷ ଠାରୁ ପ୍ରତ୍ୟେକ ବର୍ଷ ପଶ୍ଚିମାଂଚଳରେ ସେହି ଦିନରେ ନୂଆଖାଇ ପର୍ବ ତିଥି ଅନୁସାରେ ପାଳିତ ହୋଇ ଆସୁଛି । କଳାହାଣ୍ଡି ଜିଲ୍ଲାର ଅନେକ ଅଂଚଳରେ ଏହା ଭାଦ୍ରବ ଶୁକ୍ଳ ଦଶମୀ ତିଥିରେ ପାଳନ କରାଯାଉଥିବାବେଳେ ପୂର୍ବାଂଚଳରେ ଏହା ଆଶ୍ୱିନ ମାସର ମହାଳୟା ତିଥି ଭିତରେ ସମ୍ପନ୍ନ ହେବାର ବିଧାନ ରହିଛି । କାରଣ ଏହି ନବାନ୍ନ ପିତୃପୁରୁଷଙ୍କ ପିଣ୍ଡଦାନରେ ବ୍ୟବହୃତ ହୋଇଥାଏ । ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଅପରପକ୍ଷେ ମହାଳୟା ପରଠାରୁ ଶ୍ରାଦ୍ଧ ଦେବାର ବ୍ୟବସ୍ଥା ଅଛି ।

ଏହି ଦିନଟିର ଅମୃତବେଳା ବା ଶୁଭବେଳା ଜ୍ୟୋତିଷଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇ ସେହି ମୁହୂର୍ତ୍ତରେ ନୂଆଭାବରେ ଅମଳ କରାଯାଇଥିବା ଖାଁଟିଆଧାନରୁ ପ୍ରସ୍ତୁତ ଅନ୍ନକୁ ଭକ୍ଷଣ କରିଥାନ୍ତି । ନୂଆଖାଇ ପୂର୍ବ ଦିନଠାରୁ ଗାଁ ଲୋକ ଧାନ ସଂଗ୍ରହ କରି ଏଥିରୁ ଚୁଡ଼ା କାଢ଼ି ରଖିଦିଅନ୍ତି । ନୂଆଖାଇ ଦିନ ନୂଆଧାନରୁ ପ୍ରସ୍ତୁତ ଚୁଡ଼ା, ଭାତ, କ୍ଷୀରି, ମଣ୍ଡାପିଠା ଘରେ ପ୍ରସ୍ତୁତ କରି ନିଜର ଇଷ୍ଟଦେବୀ, ଗ୍ରାମଦେବୀ, ଦେବତା, ଆରାଧ୍ୟ ଦେବତାଙ୍କ ପାଖରେ ପ୍ରଥମେ ଅର୍ପଣ କରି ସମସ୍ତେ ଏକାଠି ବସି ଖାଆନ୍ତି ଖାଇସାରିବା ପରେ ଭେଟଘାଟ ପର୍ବ ଆରମ୍ଭ ହୁଏ । ପ୍ରଥମେ ଗ୍ରାମଦେବୀଙ୍କ ପାଠ ବା ଭାଗବତ ଟୁଙ୍ଗୀରେ ଏକାଠି ହୋଇ ମୁଣ୍ଡିଆ ମାରିସାରିବା ପରେ ସାନମାନେ ବଡ଼ଙ୍କୁ ପ୍ରଣାମ କଣାଇ ଆଶୀର୍ବାଦ କାମନା କରିଥାନ୍ତି । ଭେଟଘାଟ ଶେଷ ହେବାପରେ ଗାଁରେ ଖେଳକୁଦ ପ୍ରତିଯୋଗିତା ହୋଇଥାଏ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ନୂଆଖାଇ ପରଦିନ ସମସ୍ତେ ମଉଜ ମଜଲିସରେ ପାଳନ କରନ୍ତି । ସମଗ୍ର ଓଡ଼ିଶାରେ ବିଶେଷକରି ପଶ୍ଚିମ ଓଡ଼ିଶାର ଜିଲ୍ଲା ସମୂହରେ ଏହି ପର୍ବ ବହୁତ ଆଡ଼ମ୍ବରରେ ପାଳିତ ହୁଏ । ଦେଶର ବିଭିନ୍ନ ଅଂଚଳରେ ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକେ ଏହି ଦିନ ଘରେ ଉପସ୍ଥିତ ରହିବାକୁ ଚେଷ୍ଟା କରନ୍ତି । ଯେଉଁମାନେ ଏହି ଦିନରେ ନିଜର ଭିଟାମାଟିକୁ ଆସି ନପାରନ୍ତି, ସେମାନେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରନ୍ତି ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୬୧୨୩

ବର୍ଷର ବାୟୁ ଧାରଣା ଦିବସ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ପ୍ରତି ବର୍ଷ ଏହା ପ୍ରକୃତି ପାଠରେ ଜ୍ୟୋତିଷ ଧାର୍ଯ୍ୟ ଦିବସ । ଚାନ୍ଦ୍ରମାନ ଜ୍ୟେଷ୍ଠ ଶୁକ୍ଳପକ୍ଷ ୮ମୀକୁ ଧ୍ରୁବକ କରାଯାଇଛି । ଜ୍ୟେଷ୍ଠ ଅମାବାସ୍ୟା ସାବିତ୍ରୀ ଅମାବାସ୍ୟା ଏହା ଠାରୁ ଆଗରୁ ଓ ସ୍ନାନ ପୂର୍ଣ୍ଣିମା ପଛକୁ ଠିକ ମଧ୍ୟ ତିଥି, ସମୁଦ୍ରରେ ଜୁଆର ଭଟ୍ଟାର ଅନେକ ଶାନ୍ତ ଦିନ ୮ମୀ ତିଥି, ଏହାର କିଛିଦିନ ଆଗକୁ ଆସେ ସ୍ୱାତୀ ୧୫ ବାୟୁ ଦେବଙ୍କ ଅଧିକାରରେ ବିଶାଖା ୧୬ ଯାହା ଇନ୍ଦ୍ରାଗ୍ନି ସମ୍ମିଳିତ ମାଳିକାନା।ଅନୁରାଧା ୧୭ ମିତ୍ର ମାଳିକାନା, ଜ୍ୟେଷ୍ଠା ୧୮ ମଘବା, ଜ୍ୟେଷ୍ଠ ରାଜାଙ୍କ ମାଳିକାନା । ଏହି ଚାରି ନକ୍ଷତ୍ରର ଆରମ୍ଭ ସ୍ପର୍ଶରୁ ୯୬ ଘଂଟା ଆଗରୁ ବାୟୁର ପରୀକ୍ଷା କରାହୁଏ । ସାଗର ଅଶାନ୍ତ ହେବାକୁ ଆରମ୍ଭ କରେ । ଆକାଶରେ ବିଜୁଳି ଚମକେ, ଧୂଳି ମରିବା ବା ମାମୁଲି ଗୁଡା ବର୍ଷା ହେବା ରବିଦିନରେ ଚନ୍ଦ୍ର ରାତ୍ରିରେ ବାଦଲରେ ଢାଙ୍କି ହେବା ପ୍ରକୃତିର ଏପରି ପରିବର୍ତ୍ତନ କାଳରେ ପିଲାମାନେ ଧୂଳିରେ ଖେଳିବା ରାସ୍ତାରେ ବାଲିବନ୍ଧ ପକାଇବା, ପକ୍ଷୀମାନେ ପରରେ ଲାଗିଥିବା ଧୂଳି ଝାଡ଼ିବା, ରବି ଚନ୍ଦ୍ରରେ ସୁନ୍ଦର ପରିବେଶସହ ଚିକ୍କଣ ଘନ ବାଦଲ ଏହାକୁ ଅନେକ ସମୟ ଲୁଚକାଳୀ ଖେଳ ପରି ହେଉଟି ଅଛି । ହେଉଟି ନାହିଁ ଦୃଶ୍ୟ, ଏହା ବାୟୁ ଧାରଣ, ସମୟର ସୂଚନା ଦିଏ । ସମୟ ୪ ଦିନ ମାଟି ଭିଜିଲେ ଅଗସମୟକୁ ଉତମ ବର୍ଷା ହୁଏ । ଜ୍ୟେଷ୍ଠ ୧୫ରେ ବର୍ଷା ହେଲେ ଶ୍ରାବଣ ବିଶାଖା ୧୬ ନକ୍ଷତ୍ରରେ ବର୍ଷା ହୁଏ ।

ଜ୍ୟେଷ୍ଠ ୧୬ରେ ବର୍ଷା ହେଲେ ଭାଦ୍ରବ ଅନୁରାଧା ୧୭ରେ ବର୍ଷା ହୁଏ, ଜ୍ୟେଷ୍ଠ ଅନୁରାଧା ୧୭ ବର୍ଷା ହେଲେ ଆଶ୍ୱିନର ୧୮ରେ ବର୍ଷା ହୁଏ, ତେବେ କାର୍ତ୍ତିକରେ ବର୍ଷା ପ୍ରଭାବ ରହେ ନାହିଁ । ଜ୍ୟେଷ୍ଠ ମାସରେ ଖୁବ ଗରମ ବୋଧ ହେଲେ ଆଗକୁ ଭଲ ବର୍ଷାହୁଏ । ଏସବୁ ପୂର୍ବ ସମୟ ପ୍ରାକୃତିକ ପରିବେଶ ସ୍ଥିର ଥିବାବେଳେ ଧାର୍ଯ୍ୟ କରାଯାଇଥିଲା । ଏ ସମୟରେ ପ୍ରକୃତିକୁ ନଷ୍ଟ କରିବା ଚାଲିଛି, କେହି ବି ଖଣ୍ଡେ ଛତା ଖରାବର୍ଷାରେ ବ୍ୟବହାର କରିବା ଦେଖାଯାଉନାହିଁ । ଧୂଳି ରାସ୍ତା ବିରଳ । ଅନେକ କାଦୁଅକୁ ଘୃଣା କରି ଚାଷକ୍ଷେତ୍ର ବର୍ଜନ କଲେଣି । ନାହିଁ ଗୋରୁ ଗାଈ ନକାଟେ ଘାସ । ଗଛ ଛାଇ ନାହିଁ ଗଛ ଦୁର୍ଲ୍ଲଭ, ପକ୍ଷୀ ଅଦୃଶ୍ୟ ହେଲେଣି । କାଉ ଚିଡ଼ିଆଖାନାରେ ଟିକେଟ କାଟି ଲୋକେ ଦେଖିବେ । ପୋଖରୀ କୂଅ ଅଛି ଯେ ବର୍ଷରେ ଥରେ ଭଙ୍ଗା ହେବ । ଲୋକେ ମନ ମାନି, କାଳ ବି ମାନମାନି ଏହା ବର୍ତ୍ତମାନ ଉତ୍ପାତ ମୁହାଁ । ଉତ୍ପାତ ତ୍ରିବିଧ ଏହା ପର ଲେଖାରେ ଦର୍ଶାଯିବ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ଆଡ଼ପ ମଣ୍ଡପରେ କେବଳ ଛଅଦିନ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ

॥ ଡକ୍ଟର ତପନ କୁମାର ପାଲ ॥

ଶାନ୍ତି, ମୈତ୍ରୀ ଓ ପ୍ରୀତିର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥ ଉତ୍କଳର ପ୍ରାଣଧନ ହେଲେ ମଧ୍ୟ ସେ କେବଳ ଉତ୍କଳର ନାଥ ନୁହନ୍ତି, ବରଂ ଜଗତର ନାଥ ଭାବରେ ତାଙ୍କର ସର୍ବାଧିନାୟକତ୍ୱ ଘୋଷିତ ହୋଇ ଆସୁଛି । ତେଣୁ ତାଙ୍କୁ ଦେବତା ମାନଙ୍କର ଅଧିପତି ବୋଲି ଅଭିହିତ କରି ସ୍କନ୍ଦ ପୁରାଣ ପ୍ରକାଶ କରିଛି - 'ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀ ପୁରୁଷୋତମମ୍' । ସେ ଦେବାଧିପତି ହେଲେ ମଧ୍ୟ ଭକ୍ତ ସାଲବେଗ, ସନ୍ଥ କବୀର, ହରିଦାସ, ରଘୁ ଅରକ୍ଷିତ ଓ ଦାସିଆ ବାଉରିଙ୍କ ଭଳି ଭିନ୍ନ ଧର୍ମାବଲମ୍ବୀ ଏବଂ ଦଳିତମାନେ ମଧ୍ୟ ତାଙ୍କର କୃପାଧନ୍ୟ ହୋଇପାରିଛନ୍ତି ।

ଜଗନ୍ନାଥ ହେଉଛନ୍ତି କ୍ଷର, ଅକ୍ଷର ବା ବିଦ୍ୟା ଓ ଅବିଦ୍ୟାର ନିୟାମକ । ସେଥିପାଇଁ ସେ ଲୋକଶ୍ରେଷ୍ଠ ବା ପୁରୁଷୋତମ । ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ । ତାଙ୍କର ମହିମା ତ୍ରିପୁର ବ୍ୟାପ୍ତ । ବେଦ ଠାରୁ ପୁରାଣ ପର୍ଯ୍ୟନ୍ତ, ଜଗନ୍ନାଥଙ୍କ ସଂପର୍କରେ ଯେଉଁ ଚମତ୍କାର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ, ସେଥିରୁ ତାଙ୍କର ଉତ୍ସ ଓ ବର୍ତ୍ତିତ ରୂପ ସଂପର୍କରେ ସ୍ଥୂଳଧାରଣା ସୃଷ୍ଟି ହୋଇଥାଏ । ସେ ଯେଉଁ ଧାମରେ ବିଜେ କରିଛନ୍ତି ତାହାଁ ଶ୍ରେଷ୍ଠ ଧାମ । ବ୍ରହ୍ମ ପୁରାଣରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି - 'ପୁରୁଷୋତମାତ୍ ପରଂକ୍ଷେତ୍ରଂ ନାସ୍ୟ ପୃଥିବୀ ତଳେ, ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍ ।'

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିର ଉପସ୍ଥିତି ପୂର୍ବରୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ମନ ଯେପରି ଖୁସିଥାଏ ଆଡ଼ପ ମଣ୍ଡପ ଯାତ୍ରା କରିବା ପାଇଁ ସେହିପରି ଆନନ୍ଦିତ ଥାଇ ନିଜକୁ ସଜାଇ ରଖିଥାନ୍ତି ଗୁଣ୍ଡିଚା ମନ୍ଦିର । ବର୍ଷସାରା ଜନଗହଳି ଶୂନ୍ୟ ଆଡ଼ପ ମଣ୍ଡପ ଏହି ସାତଦିନ ଲୋକାରଣ୍ୟ ହୋଇଥାଏ । ଶ୍ରୀଜୀଉଙ୍କ ସ୍ପର୍ଶରେ ସବୁକିଛି ପୁନର୍ବାର ଜୀବନ୍ତ ହୋଇଉଠେ । ଶ୍ରୀମନ୍ଦିର ପରି ଏଠାରେ ଗର୍ଭଗୃହ, ଜଗମୋହନ, ନାଟମଣ୍ଡପ ଓ ଭୋଗମଣ୍ଡପ ଆଦି ରହିଥିଲେ ମଧ୍ୟ ଯେହେତୁ ଶ୍ରୀଜୀଉମାନେ ନଥାନ୍ତି ସେଥିପାଇଁ ଗୁଣ୍ଡିଚାଙ୍କ ମନ୍ଦିର ଶ୍ରୀହୀନ ହୋଇପଡିଥାଏ । ମହାପ୍ରଭୁଙ୍କର ଗୁଣ୍ଡିଚା ମନ୍ଦିରକୁ ଆସିବା ପୂର୍ବରୁ ଭକ୍ତମାନେ ଆଡ଼ପ ମଣ୍ଡପକୁ ଧୁଆଧୋଇ କରି ମାର୍ଜନା କରନ୍ତି । ଆଡ଼ପ ମଣ୍ଡପରେ ବିଜେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସାତଦିନ ରହଣି ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସହିତ ତିନିରଥରେ ଥିବା ଧ୍ୱଜ ଓ ରଥସ୍ଥ ପାର୍ଶ୍ୱ ଦେବତାମାନଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ବର୍ଷ ତମାମ ମହାପ୍ରସାଦ ପ୍ରସ୍ତୁତ ହୁଏ ନାହିଁ । କିନ୍ତୁ ବର୍ଷକୁ ଥରେ ଗୁଣ୍ଡିଚା ଯାତ୍ରା ଅବସରରେ ଆଡ଼ପ ମଣ୍ଡପରେ କେବଳ ଛଅଦିନ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ । ଏହାକୁ ଜନ୍ମବେଦୀ, ଯଜ୍ଞବେଦୀ, ମହାବେଦୀ ବୋଲି କୁହାଯାଇଥାଏ । ଏହି ସ୍ଥାନ ଏତେ ପବିତ୍ର ଯେ ଶ୍ରୀମନ୍ଦିରରେ ଦଶବର୍ଷ କାଳ ଦର୍ଶନ କଲେ ସେହି ଫଳ ମିଳେ ଆଡ଼ପ ମଣ୍ଡପରେ ଥରଟିଏ ମାତ୍ର ଦର୍ଶନ କଲେ ସେହି ଫଳ ମିଳିଥାଏ । ଏହିସବୁ ଲୀଳାଖେଳା ସାରି ପ୍ରଭୁ ଯେତେବେଳେ ବାହୁଡ଼ା ଦିନ ଶ୍ରୀମନ୍ଦିର ଉପଲକ୍ଷେ ବାହାରନ୍ତି ସମସ୍ତଙ୍କର ଖୁସି କାହିଁରେ କେତେ ଦେଖିବାକୁ ମିଳିଥାଏ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୬୫୮୩୬୨ / ୭୯୭୮୭୯୬୬୩୩

ଜୀବଜନ୍ତୁଙ୍କ ଠାରୁ ବଡ଼ ବୋଝ ପ୍ଲାଷ୍ଟିକ ଓଜନ !

॥ ସତ୍ୟ ମହାପାତ୍ର ॥

ବର୍ତ୍ତମାନ ନେପାଳର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଓଡ଼ିଶାରେ ବିଭିନ୍ନ ବନ୍ୟା ତଥା ଭୂସ୍ଖଳନ କହିବାକୁଗଲେ ଏକ ପ୍ରକାର ପରିବେଶଗତ କ୍ଷେତ୍ରକୁ ଯେତିକ ଚିନ୍ତିତ କରିନାହିଁ ସେତିକ ଉଦବେଗ ଯୋଡ଼ିଛି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମ ମାନଙ୍କ ଦ୍ୱାରା ଉତ୍ପାଦିତ ପ୍ଲାଷ୍ଟିକର ପରିମାଣ ଏତେ ବଢ଼ିଗଲାଣି ଯେ ଦୁନିଆରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ମିଶାଇ ଓଜନ କଲେ ଯେତିକି ହେବ ପ୍ଲାଷ୍ଟିକର ଓଜନ ତା ଠାରୁ ଅଧିକ । କିଛି ଦିନ ତଳେ ନର୍ଥଇଷ୍ଟର୍ଣ୍ଣ ୟୁନିଭରସିଟିର ବରିଷ୍ଠ ଗବେଷକ ବୈଜ୍ଞାନିକ ଡକ୍ଟର ଅବିନାଶ ମଞ୍ଜୁଳା ବସବନ୍ନ । ସେ କହିଛନ୍ତି ଯେ 'ଏଯାବତ ମନୁଷ୍ୟ ପ୍ରାୟ ୧୦୦ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦନ କରିଛି । ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ମିଶାଇଲେ ସେମାନଙ୍କ ଓଜନ ୪୦୦ରୁ ୫୦୦ କୋଟି ଟନ ହେବ ।' ଏଥିରୁ ଜଣାପଡୁଛି ଯେ ପ୍ରାୟ ୧୦୦ ବର୍ଷ ହେବ ଉତ୍ପତି ହୋଇଥିବା ପ୍ଲାଷ୍ଟିକ ଏବେ ସମଗ୍ର ବିଶ୍ୱରେ ଥିବା ପ୍ରାଣୀ ସମଷ୍ଟିକୁ ଅତିକ୍ରମ କରିଗଲାଣି । ଆଧୁନିକ କଳକାରଖାନା କାର୍ଯ୍ୟକଳାପ ଯୋଗୁଁ ସମ୍ପ୍ରତି ଏଭଳି ଅସ୍ୱାଭାବିକ ପରିବେଶଗତ କୁପ୍ରଭାବ ଉପସ୍ଥିତ ହୋଇଛି । କେବଳ କଳକାରଖାନାର ବର୍ଜ୍ୟ ସାମଗ୍ରୀ ଓ କଳକାରଖାନା ପାଇଁ ଖରାପ ରାସ୍ତା ପାଇଁ ଯେଉଁପରି ଧୂଳି ଧୂଆଁ ପରିବେଶକୁ ବିଷାକ୍ତ କରୁନାହିଁ ଅନେକ ଦୁର୍ଘଟଣା କରି ଧନଜୀବନର କାରଣ ହେଉଛି ।

ପୃଥିବୀର ବିଖ୍ୟାତ ଲନସାଟ ପତ୍ରିକାର ତଥ୍ୟ ଅନୁଯାୟୀ 'ଯେ ମନୁଷ୍ୟକୃତ ପଦାର୍ଥ ସବୁ ସକଳ ପ୍ରାକୃତିକ ଜୀବସତ୍ତା ଓଜନ ସହିତ ଦ୍ରୁତ ବେଗରେ ସମକକ୍ଷ ହେଉଛି ଅଥବା ତାହାକୁ ଅତିକ୍ରମ କରିଯାଉଛି ।' ଏଠାରେ ସୂଚୀତ କରୁଛୁ କି ଯେ ସମଗ୍ର ବିଶ୍ୱରେ ଥିବା ବୃକ୍ଷ, ଗୁଳ୍ମ ଓ ବନସ୍ପତିର ହାରାହାରି ଓଜନ ୯୦୦ ଗିଗାଟନ । କିନ୍ତୁ ଆମେମାନେ ତିଆରି କରିଥିବା କୋଠାବାଡ଼ି, ବାଟଘାଟ ଓ କଳକାରଖାନାଗୁଡ଼ିକର ଓଜନ ଏକ ଟେରାଟନ ହୋଇଗଲାଣି । ଟିକିଏ ବୁଝାଇ ଦେଉଛୁ ଯେ ଏହି ଟେରାଟନ କ'ଣ ? ଗୋଟିଏ ଟ୍ରିଲିୟନ ଟନ ସହିତ ସମାନ । ନେପାଳରେ ଅଭାବନୀୟ ହିମଖଣ୍ଡ କାରଣ ପାଇଁ ଯେଉଁ ଭୟାନକ ଧନଜୀବନ ହାନି ହେଲା ଭାରତରେ ପ୍ରବାହିତ ନଦୀମାନଙ୍କରେ ଦେଖାଦେଇଛି ଅନେକ ପ୍ଲାଷ୍ଟିକର ଅଂଶବିଶେଷ । ଏହି ପ୍ଲାଷ୍ଟିକ ଅଂଶବିଶେଷ ଅନେକ ସମୟରେ କେବଳ ପାଣିକୁ ବିଷାକ୍ତ ବା ସଂକ୍ରମଣ କରିନଥାଏ ବରଂ ଏହା ଜଳ ଅବରୋଧ କରିଥାଏ । କୃତ୍ରିମ ପଦାର୍ଥ ଓ ମାନବୀ ନିର୍ମାଣ କିଭଳି ପୃଥିବୀ ଗଠନର ଆଙ୍ଗିକ ଉପାଦନ ସବୁର ପୁନର୍ବିନ୍ୟାସ କରୁଛି ଏଗୁଡ଼ିକର ସମଷ୍ଟି ତାହା ଦର୍ଶାଇଉଛି । ଚିନ୍ତା ଉଦ୍ରେକକାରୀ କଥାଟି ହେଉଛି ଏସବୁ ପ୍ଲାଷ୍ଟିକ ଓ କୃତ୍ରିମ ସାମଗ୍ରୀଗୁଡ଼ିକରୁ ଅଧିକାଂଶ ପୁନଃପ୍ରକ୍ରିୟାଶୀଳ ନୁହେଁ ଅଥବା ସେଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରାଯାଇ ପାରିବ ନାହିଁ । ତେଣୁ ସେଗୁଡ଼ିକୁ ମାଟିରେ ପୋତାଯାଉଛି ଅଥବା ସମୁଦ୍ରରେ ଫିଙ୍ଗାଯାଉଛି । କିଛିଦିନ ତଳେ ମୁମ୍ବାଇର ଭାରତ ପ୍ରସିଦ୍ଧ ଜୁ ବିଚ୍‌ରେ ଗଦା ହୋଇଥିବା କୁଢ଼ କୁଢ଼ ଆବର୍ଜନା ସୋସିଆଲ ମିଡ଼ିଆରେ ଦେଖିଥିଲି । ଏହା ସହିତ ଯୁଦ୍ଧ ସମୟରେ ଯେଉଁ ତେଲ ସବୁ ସମୁଦ୍ର ବକ୍ଷରେ ନିଷ୍କାସିତ ହେଉଛି ବା ଧ୍ୱଂସ ପାଇ ବୁଡ଼ିଯାଇ ଏହା ସମୁଦ୍ରର କିଲୋମିଟର କିଲୋମିଟର ବ୍ୟାପୀ ଜଳରାଶିକୁ ବିଷାକ୍ତ କରୁଛି । ସର୍ବପ୍ରଥମେ ଜଳ ଜୀବ ମାନଙ୍କର ଅକାଳ ମୃତ୍ୟୁ ହୋଇ ଯାଉଛି ଏହା ସହିତ ପରିବେଶ ପ୍ରଦୂଷଣ, ଜୈବ ବିବିଧତା ନଷ୍ଟ ଓ ଜଳବାୟୁ ସମ୍ବନ୍ଧୀୟ ବିପଦ ବୃଦ୍ଧି ପାଉଛି ।

ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଆମେମାନେ ସବୁ ଏହି କୃତ୍ରିମ ସାମଗ୍ରୀପୂର୍ଣ ଉପଯୋଗ ବି କରୁନାହୁଁ ଯାହାର ଅର୍ଥ ଆମେ ଏ ସବୁକୁ କିଛି କ୍ଷଣ ବ୍ୟବହାର ପାଇଁ କିଣି ଆବର୍ଜନା ଭାବେ ଫିଙ୍ଗି ଦେଉଛୁ । ତେଣୁ ପରିବେଶ ଅଧିକ ଭାରାକ୍ରାନ୍ତ ହେଉଛି । ବୈଜ୍ଞାନିକମାନେ ସାବଧାନ କରାଇ ଦେଉଛନ୍ତି ଯେ ଏତାଦୃଶ ବ୍ୟବହାର ଧାରା ବର୍ଜ୍ୟ ପରିଚାଳନାକୁ ମଧ୍ୟ ବଦଳିଯିବ । ତା ଛଡ଼ା କୃତ୍ରିମ ସାମଗ୍ରୀ ଉତ୍ପାଦନ ଜୀବାଶ୍ମ ଇନ୍ଧନ ଉପରେ ବିଶେଷ ନିର୍ଭରଶୀଳ । ସେଥିଯୋଗୁଁ ସବୁଜଗୃହ ବାଷ୍ପ ନିର୍ଗତ ହୋଇ ବିଶ୍ୱ ତାପନ କ୍ରିୟା ଦ୍ରୁତତର କରୁଛି । ନିତିଦିନିଆ ଜୀବନରେ ଅନେକ ଲୋକଙ୍କର ପ୍ଲାଷ୍ଟିକ ମୁଣାକୁ ଏଣେ ତେଣେ ବିଶେଷକରି ନାଳରେ ଫୋପାଡି ଦେବାର ଅଭ୍ୟାସ ରହିଛି । ଯାହାର କାରଣ ପାଇଁ ଜଳ ନିଷ୍କାସନ ସମସ୍ୟା ହୋଇଥାଏ ଓ ପରିବେଶ ମଧ୍ୟ କେବଳ ବିଷାକ୍ତ ହୋଇନଥାଏ ଏହା ମୁଖ୍ୟ ନାଳ ମିଶିବା ସ୍ଥଳୀରେ ଜଳରାଶିକୁ ଆବଦ୍ଧ କରି ଏକ ପ୍ଲାଷ୍ଟିକର ଛୋଟିଆ ପାହାଡ଼ ସୃଷ୍ଟି କରିଥାଏ ।

ଖଣ୍ଡିଆ ଛୋଟିଆ ପ୍ଲାଷ୍ଟିକ ମୁଣା ମାଟିରେ ମିଶିବା ପାଇଁ କେତେ ସମୟ ନେଇଥାଏ ଏହା ଆମେ ଭଲ ଭାବେ ଜାଣିଛୁ । ଏସବୁ ସତ୍ୱେ ଏଣେତେଣେ ପ୍ଲାଷ୍ଟିକ ମୁଣା, ସାମଗ୍ରୀ ଓ ପାଣି ବୋତଲ ଫୋପାଡ଼ିବାର ଅଭ୍ୟାସ ଭଲ ଭାବେ ଯାଇନାହିଁ । ବେଳେ ବେଳେ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ଲାଷ୍ଟିକ ବର୍ଜ୍ୟ ସାମଗ୍ରୀକୁ ପ୍ରଦାନ କରି ବିନିମୟରେ ପୁରସ୍କାର ବ୍ୟବସ୍ଥା ବେଶ ଲୋକପ୍ରିୟ ହୋଇଥିଲା କିନ୍ତୁ ଏହା ନିୟମିତ ହେବା ଦରକାର । ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଏଣେ ପୁନଶ୍ଚ ପ୍ଲାଷ୍ଟିକ ପ୍ରଦୂଷଣ ସାମୁଦ୍ରିକ ପରିସଂସ୍ଥାନ, ମୃତ୍ତିକା ଓ ମାଇକ୍ରୋପ୍ଲାଷ୍ଟିକ ରୂପେ ମନୁଷ୍ୟ ଖାଦ୍ୟ ଶୃଙ୍ଖଳାରେ ବି ଅନୁପ୍ରବେଶ କରିସାରିଛି । ଜଳବାୟୁ ସଙ୍କଟ ସମାଧାନ ନିମିତ ବୈଷୟିକ ଉଦ୍ଭାବନ ଓ ପାରିବେଶିକ କୁପ୍ରଭାବରହିତ ସାମଗ୍ରୀ ଗବେଷଣ ପ୍ରୟୋଜନ ସତ୍ୟ, କିନ୍ତୁ ଆମ ମାନଙ୍କର ନିଷ୍ଠାପରତା, ପ୍ରତିବଦ୍ଧତା ଉପର ବି ଏ ସଙ୍କଟ ସମାଧାନ ବହୁ ମାତ୍ରାରେ ନିହିତ ରହିଛି । ଯାହାର ଅର୍ଥ ଆମେ ଦାୟିତ୍ୱଶୀଳ ହୋଇ କେବଳ କୃତ୍ରିମ ପଦାର୍ଥର ଉପଯୁକ୍ତ ଓ ସୀମିତ ଉତ୍ପାଦନ ସହିତ ଏହାର ବ୍ୟବହାର ପାଇଁ ଦୃଷ୍ଟି ଦେବା । ଏ କ୍ଷେତ୍ରରେ ବିଶେଷଜ୍ଞମାନେ ବି ଚେତାଇ ଦେଉଛନ୍ତି ଯେ କୃତ୍ରିମ ପଦାର୍ଥ ବ୍ୟବହାରରେ ଆଖିଦୃଶିଆ ପରିବର୍ତ୍ତନ, ବର୍ଜ୍ୟ ସାମଗ୍ରୀ ପୁନଃବ୍ୟବହାରକ୍ଷମ ଭିତିଭୂମି ଓ ସରକାରୀ ନିୟମ ପ୍ରବର୍ତ୍ତନ ବିନା ଏ ଜନିତ ପାରିବେଶିକ ସମସ୍ୟା ସେମିତି ବୃଦ୍ଧି ପାଉଥିବ । ଏଥିଯୋଗୁଁ ପରିସଂସ୍ଥାନ ଓ ଜଳବାୟୁ ଧାରା ବି ଅତିରିକ୍ତ ଭାରାକ୍ରାନ୍ତ ହେଉଥିବ । ମଣିଷ ଥିଲେ ପ୍ରକୃତି ରହିଛି ଆଉ ପ୍ରକୃତିକୁ ଭଲ ପାଇଲେ ଏହା ବିପର୍ଯ୍ୟୟର କାରଣ ନୁହଁ ଜୀବନର ଆନନ୍ଦମୟ କ୍ଷେତ୍ର ହୋଇପାରିବ ଏ ସବୁଥିରେ ନିଜ ଜୀବନଚର୍ଯ୍ୟା, ଆଦର୍ଶ ଓ ପ୍ରକୃତିକୁ ଭଲ ପାଇବା ସହିତ ସବୁଜ ପରିବେଶକୁ ନିଷ୍ଠାପରତା ରଖିବା ଓ ଜଳବାୟୁ ସହିତ ନିଜ ଆଖପାଖର କ୍ଷେତ୍ରକୁ ପରିଷ୍କାର ପରିଚ୍ଛନ୍ନ କରିବା ହିଁ ବଡ଼ ଦାୟିତ୍ୱ ନିଷ୍ଠା ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୬୫୮୧୦୫୫୩୨

ପର୍ଶୁରାମ ଗୁରୁକୁଳ କଲେଜରେ 'ବିକଶିତ ଭାରତ ଯୁବ କନେକ୍ଟ' କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୭/୦୯ (ଆ.ପ୍ର) : ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକସ୍ଥିତ ପର୍ଶୁରାମ ଗୁରୁକୁଳ କଲେଜ ପରିସରରେ ଆଜି ମୋ ଭାରତ , ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ , ଭାରତ ସରକାର ଅଧୀନରେ ବିକଶିତ ଭାରତ ଯୁବ କନେକ୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନିଶା ମୁକ୍ତ ଅଭିଯାନ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ସଚେତନ କରାଯାଇଥିଲା । ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥର ଅପବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ, ଶିକ୍ଷା, ପରିବାର ଓ ଭବିଷ୍ୟତ ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା । ଯୁବମାନଙ୍କୁ ଏକ ସୁସ୍ଥ , ଶୃଙ୍ଖଳିତ ଓ ସକାରାତ୍ମକ ଜୀବନଶୈଳୀ ଆପଣାଇବାକୁ ପ୍ରେରିତ କରାଯାଇଥିଲା । ଏହା ସହିତ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ କୁଇଜ୍ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦିଆଯାଇ ନିବନ୍ଧନ ପାଇଁ ସହଯୋଗ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ କୁଇଜ୍‌ରେ ନିବନ୍ଧନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ, ଏନ ଏସ ଏସ ନୋଡାଲ ଅଫିସର, ଯୁବ ଆଇକନ୍ ଏବଂ ମାଇ ଭାରତ ସ୍ୱେଚ୍ଛାସେବକ ମାନେ ଉପସ୍ଥିତ ରହି ସଚେତନତା ଓ ନିବନ୍ଧନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଯୁବ ଆଇକନ୍ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ସହ ସମାଜ ଓ ଦେଶର ବିକାଶରେ ସକାରାତ୍ମକ ଭୂମିକା ନେବାକୁ ପ୍ରେରଣା ଦେଇଥିଲେ । ମାଇ ଭାରତ ସ୍ୱେଚ୍ଛାସେବକମାନେ ଛାତ୍ରଛାତ୍ରୀଙ୍କୁ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ କୁଇଜ୍ ନିବନ୍ଧନ ପ୍ରକ୍ରିୟାରେ ସହଯୋଗ କରିବା ସହ ଯୁବ କେନ୍ଦ୍ରିକ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେବାକୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଦେଶ ଗଠନରେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ଶିକ୍ଷା, କ୍ରୀଡ଼ା, ସ୍ୱେଚ୍ଛାସେବା, ଦକ୍ଷତା ବିକାଶ ଓ ସାମାଜିକ ସେବା ମାଧ୍ୟମରେ ବିକଶିତ ଭାରତ ଗଠନରେ ଯୁବମାନେ ଅବଦାନ ରଖିବାକୁ ଆହ୍ୱାନ କରାଯାଇଥିଲା । "ନିଶାକୁ ନା କୁହନ୍ତୁ, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା ଓ ବିକଶିତ ଭାରତକୁ ହଁ କୁହନ୍ତୁ" ।

ବିଜେପି ଜିଲ୍ଲା ସମ୍ପାଦକଙ୍କ ଦବଙ୍ଗଗିରି, ମାମଲା ରୁଜୁ

ବାଲିଗୁଡା, ୧୭/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବିଜେପି ଜିଲ୍ଲା ସମ୍ପାଦକ ଅରବିନ୍ଦ ପଟ୍ଟନାୟକଙ୍କ ଦବଙ୍ଗଗିରି । ଆଇନ କାନୁନ କି କାର୍ଯ୍ୟାନୁଷ୍ଠାନକୁ ଭୟ ନକରି ଦିନ ଦ୍ୱିପହରରେ ସରକାରୀ କ୍ୱାଟରର ପାଚେରୀକୁ ଜେସିପି ଲଗାଇ ଭାଙ୍ଗିବା ଘଟଣା ମହଙ୍ଗା ପଡିଛି । ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ସରକାରୀ କାର୍ଯ୍ୟ ରେ ଭୁବନେଶ୍ୱରରୁ ଫେରିବା ପରେ ଥାନାରେ ପହଂଚି ଏକ ଏତଲା ଦେଇଛନ୍ତି । ଏତଲା ଅନୁଯାୟୀ ବାଲିଗୁଡା ଥାନା କେସ ନମ୍ବର ୨୩୭/୨୬ରେ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଆରମ୍ଭ କରିଛି । ତଦନ୍ତ ଅଧିକାରୀ ଯୁଗଳ ନାୟକ କହିଛନ୍ତି ସରକାରୀ ସମ୍ପତି ନଷ୍ଟ ଅଭିଯୋଗ ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଆଇନ କାନୁନ କି କାର୍ଯ୍ୟାନୁଷ୍ଠାନ ଭୟ କେବଳ ଗରିବ ଓ ନିରୀହ ଲୋକଙ୍କ ପାଇଁ କି ବୋଲି ପ୍ରଶ୍ନ କରିଥିଲେ ବସ୍ତି ବାସିନ୍ଦା ସଂଗ୍ରାମ ସମିତି ।

ଆଇଟିଡିଏ କାର୍ଯ୍ୟାଳୟର କର୍ମଚାରୀ ମାନେ ରହୁଥିବା ସରକାରୀ କ୍ୱାଟରର ପାଚେରୀ ଜେସିପି ବ୍ୟବହାର କରି ଭାଙ୍ଗି ଜାଗା ଜବର ଦଖଲ କରିବା ଘଟଣା ର ଛଅ ଦିନ ପରେ ଆଇଟିଡିଏ ର ପ୍ରକଳ୍ପ ପ୍ରଶାସକ କୃପା ସିନ୍ଧୁ ବେହେରା କାର୍ଯ୍ୟାନୁଷ୍ଠାନକୁ ନେଇ ଲୋକେ ଆଇନ ଉପରେ ଭରସା ରଖିଛନ୍ତି । ତେବେ ବର୍ତମାନ ଏହାରି ଭିତରେ ସ୍ଥାନୀୟ ତହସିଲଦାର ଦୀପ୍ତି ପ୍ରକାଶ ବେହେରାଙ୍କ ଚିଠିକୁ ନେଇ ପ୍ରଶ୍ନ ଉଠିଛି । ବିଜେପି ଜିଲ୍ଲା ସମ୍ପାଦକଙ୍କ ଘରକୁ ଏନଏସି ପକ୍ଷରୁ କଂକ୍ରିଟ ରାସ୍ତା ବହୁ ପୂର୍ବରୁ ରହିଥିବା ବେଳେ କାହିଁକି ସୁପାରିସ କରିଥିଲେ । ଏ ସମ୍ପର୍କରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ତଦନ୍ତ କରିବା ପାଇଁ ଦାବୀ ହୋଇଛି । ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧିନ ସରକାରୀ କ୍ୱାଟରର ପାଚେରୀକୁ ଜେସିପି ଲଗାଇ ଭାଙ୍ଗି ଦେଇଥିବା ବେଳେ ତାହାର କ୍ଷତି ପୂରଣ କିଏ ବହନ କରିବେ ବୋଲି ଅଭିଯୋଗ ହେଉଛି ।

ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କ ସଂଘବଦ୍ଧ ଆକ୍ରମଣ, ଜଣେ ମୃତ ୧୫ ଦିନରେ ହତ୍ୟାକାଣ୍ଡର ପର୍ଦ୍ଦାଫାସ, ୧୨ ଗିରଫ

ଗୁଣପୁର, ୧୭/୦୯ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ଗୁଣପୁର ଥାନା ଅଧୀନ ଜଗନ୍ନାଥପୁର ପଂଚାୟତର ନୂଆଲବା ଗ୍ରାମ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିବା ଘଟଣାରେ ପୁଲିସ ୧୨ ଜଣଙ୍କୁ ଗିରଫ କରିଛି । ଗୁଣିଗାରେଡ଼ି ସନ୍ଦେହରେ କାଜିଡରା ଗ୍ରାମର ୫୬ ବର୍ଷୀୟ ପାତିକା ମାଡିଆଙ୍କୁ ସଂଘବଦ୍ଧ ଭାବେ ଠେଙ୍ଗାରେ ପିଟିପିଟି ହତ୍ୟା କରାଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି । ଗତ ୨ ତାରିଖ ସନ୍ଧ୍ୟାରୁ ପାତିକା ମାଡିଆ ଘରକୁ ଫେରିନଥିଲେ । ତାଙ୍କ ସ୍ତ୍ରୀ ଓ ଝିଅ ସାଇଭେଳା ପାତିକା ଖୋଜାଖୋଜି କରିଥିଲେ । ପରେ ଗ୍ରାମ ନିକଟ ମାଟିରାସ୍ତା ପାର୍ଶ୍ୱରେ ଥିବା ଏକ ଖାଲରେ ବାଇକ୍ ସହ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ । ଏନେଇ ପରିବାର ପକ୍ଷରୁ ୩ ତାରିଖରେ ଗୁଣପୁର ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗ ପାଇ ଗୁଣପୁର ଥାନା ଅଧିକାରୀ ବସନ୍ତ କୁମାର କଅଁରଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ସାଇଂଟିଫିକ୍ ଦଳ ଓ ସନ୍ଧାନୀ କୁକୁର ଦଳର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରାଯାଇଥିଲା । ତଦନ୍ତ ବେଳେ ଗୁଣିଗାରେଡ଼ି ସନ୍ଦେହରେ ମାଡିଆଙ୍କୁ ହତ୍ୟା କରାଯାଇଥିବା ପୁଲିସ ଜାଣିବାକୁ ପାଇଥିଲା । ହତ୍ୟା ପରେ ମୃତଦେହକୁ ବାଇକ୍ ସହ ମାଟିରାସ୍ତା ପାର୍ଶ୍ୱରେ ଥିବା ଖାଲରେ ଫିଙ୍ଗି ଦିଆଯାଇଥିଲା । ଏହି ଘଟଣାରେ ପୁଲିସ କାଜିଡରା ଗ୍ରାମର ବିଡିକା ରାମଚନ୍ଦ୍ର (୨୨), ବିଡିକା ରମେଶ (୨୩), ବିଡିକା ସନ୍ତୋଷ (୨୧), ଲିଙ୍ଗରାଜ ମାଣ୍ଡାଙ୍ଗୀ (୨୪), ପାତିକା ମୋକେଶ (୩୦), ପାତିକା ଯୋଗେନ୍ଦ୍ର (୨୦), ନିମାଲା କୁମାରୁ (୨୧), ବିଡିକା ବଡ଼ମା (୨୦), ରବି ବିଡିକା (୨୫), ବିଡିକା କୈଳାସ (୨୨), ରାମଦାସ ବିଡିକା ଦାସ (୨୦) ଓ ମାଣ୍ଡାଙ୍ଗୀ କେଶବ (୩୫)ଙ୍କୁ ଗିରଫ କରିଛି । ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଇଛି । ଆଜି ସେମାନଙ୍କୁ ଅଦାଲତରେ ହାଜର କରାଯିବା ନେଇ ସୂଚନା ମିଳିଛି । ଅଭିଯୁକ୍ତମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଠେଙ୍ଗା ସମେତ ଅନ୍ୟାନ୍ୟ ସାମଗ୍ରୀ ପୁଲିସ ଜବତ କରିଛି ।

ଆଦର୍ଶ ଶିକ୍ଷକଙ୍କୁ ଝୁରୁଛି ଅସ୍ତରଙ୍ଗ, ସବୁଜଶାଖାରେ ସ୍ମୃତିଚାରଣ

ଅସ୍ତରଙ୍ଗ, ୧୭/୦୯ (ଆ.ପ୍ର) : ଜଣେ ଆଦର୍ଶ ଶିକ୍ଷକ କେବଳ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାନ୍ତି ନାହିଁ, ସେମାନଙ୍କ ଜୀବନକୁ ସଠିକ୍ ଦିଗଦର୍ଶନ ଦେଇଥାନ୍ତି । ଏଭଳି ଜଣେ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଜତିନ୍ଦ୍ର କୁମାର ବିଶ୍ୱାଳଙ୍କ ସ୍ମୃତିରେ ଅସ୍ତରଙ୍ଗ ସବୁଜଶାଖା ପ୍ରାଙ୍ଗଣରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ସବୁଜଶାଖା ଶିକ୍ଷା କମିଟି ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ନିଷ୍ଠା ଏବଂ ସମାଜ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା । ତାଙ୍କ ବିୟୋଗରେ ଶିକ୍ଷାଜଗତ ଓ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସଭାରେ ଉପସ୍ଥିତ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଦୀର୍ଘ ବର୍ଷଧରି ସେ ଅସ୍ତରଙ୍ଗ ନୋଡାଲ ସ୍କୁଲରେ ଶିକ୍ଷାଦାନ କରୁଥିଲେ । ଆସନ୍ତା ବର୍ଷରେ ସେ ଅବସର ଗ୍ରହଣ କରିଥାନ୍ତେ, କିନ୍ତୁ ତା ପୂର୍ବରୁ ତାଙ୍କର ଏହି ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି । ଏହି ଅବସରରେ ସବୁଜଶାଖାର ସଂଯୋଜକ ଦିବାକର ଛାଟୋଇ, ସଭାପତି ରମାକାନ୍ତ ବସ୍ତିଆ, ସଂସ୍କୃତ ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ସମାଜସେବୀ ଦୁଷ୍ମନ୍ତ ପରିଡା, ଅସ୍ତରଙ୍ଗ ସରପଂଚ ରାମଚନ୍ଦ୍ର କାଣ୍ଡି, ସବୁଜଶାଖା ଶିକ୍ଷା କମିଟିର ସଭାପତି ରବୀନ୍ଦ୍ର ମହାନ୍ତି, ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ, ଅସ୍ତରଙ୍ଗ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା, ଅସ୍ତରଙ୍ଗ ମହାସଂଘ ସଭାପତି କୁନୀଲତା ନାୟକ, ପ୍ରଦୀପ୍ତ ଗୁରୁଜୀ, ସୁରେଶ ସାରଙ୍କ ସମେତ କେବୁଚରଣ ଓଝା, ଦୁର୍ଗା, ଟୁଲନ, ପ୍ରଶାନ୍ତ, ଜୟରାମ, ହୃଷିକେଶ, ବାପି ପ୍ରସନ୍ନ, କେଦାର,ସନ୍ତୁ, ସତ୍ୟ, ରାଜୁ, ପାପାଲି, ସବିତା ପ୍ରମୁଖଙ୍କ ସହ ଓ ଶିକ୍ଷା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ । ତାଙ୍କ ଆଦର୍ଶ, ଶିକ୍ଷା ଓ ମାନବିକ ମୂଲ୍ୟବୋଧକୁ ଆଗାମୀ ପିଢ଼ି ପାଖରେ ପହଂଚାଇବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ମତ ପ୍ରକାଶ ପାଇଥିଲା । ସ୍ମୃତିଚାରଣ ସମୟରେ ପରିବେଶ ଭାବବିହ୍ୱଳ ହୋଇଉଠିଥିଲା । ଜଣେ ନିଷ୍ଠାବାନ ଓ ଆଦର୍ଶ ଶିକ୍ଷକ ଭାବେ ସ୍ୱର୍ଗତ ଜତିନ୍ଦ୍ର କୁମାର ବିଶ୍ୱାଳଙ୍କ ସ୍ମୃତି ସର୍ବଦା ଅମର ରହିବ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ଦେଇଥିଲେ ।

ଆଇନ ସାଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର, ୧୭/୦୯ (ଆ.ପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣର ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଆଇନଗତ ସେବା ଯୋଜନା ୨୦୧୬, ପୋକୋସୋ ଅଧିନିୟମ, ପୀଡ଼ିତା କ୍ଷତିପୂରଣ ଯୋଜନା ୨୦୧୭ ଓ ୨୦୧୮ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଜଜ୍ ବିଭୁ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ମୁନସିଫ ସଂକେତ ସାମଲ, ପୁଲିସ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଅତିଥି ପରିଚୟ ପ୍ରଦାନ କରାଇଥିଲେ ।

ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ପଣ୍ଡା ପୋକୋସୋ ଅଧିନିୟମ ବିଷୟରେ ଆଲୋକପାତ କରାଇବା ସହ ଏସିଡ ଆକ୍ରମଣର ଶିକାର ହେଉଥିବା ପୀଡ଼ିତା ମାନଙ୍କୁ କିପରି ଆଇନ ସେବା ଯୋଗେଇ ଦିଆଯାଇପାରିବ ଏହି ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ । ମୁନସିଫ ଶ୍ରୀ ସାମଲ ପୀଡ଼ିତା କ୍ଷତିପୂରଣ ଯୋଜନା ୨୦୧୭ ଓ ୨୦୧୮ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରାଇଥିଲେ ।

ବିଭିନ୍ନ ମନ୍ଦିରରେ ଦୀପ ପ୍ରଜ୍ୱଳନ

ବାଲିଗୁଡା, ୧୭/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ବାଲିଗୁଡା ପ୍ରଶାସନ ଓ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ଦେଶ ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୬ତମ ଜନ୍ମଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କେକ କାଟିବା ସହ ଓ ବିଭିନ୍ନ ମନ୍ଦିରରେ ଦ୍ୱିପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପଂଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ ଠାରେ ସମୁନ୍ନୀତ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସିଡିପିଓ ଇନ୍ଦିରା ପଣ୍ଡାଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଡିଓ ଅକ୍ଷୟ ମଲ୍ଲିକ୍, ଏସଡିସି ଉପାଧକ୍ଷ କଳ୍ପନା କହଁର, ବ୍ଲକ ସାଂସଦ ପ୍ରତିନିଧି ରଞ୍ଜିତ ସାହୁ, ଏନଏସି ସାଂସଦ ପ୍ରତିନିଧି ସୁରେନ୍ଦ୍ର ପାତ୍ର, ସମାଜ ସେବୀ ଦେବେନ୍ଦ୍ର କୁଦେଇ, ଅନିତା ନାୟକ, ରେଖା ମଲ୍ଲିକ ଓ ବ୍ଲକ ପଂଚାୟତ ଅଧିକାରୀ ଅମରେଶ ରଥ ସମେତ ସ୍ୱୟଂ ସହାୟକ ଗୃପ ମହିଳା ମାନେ ଉପସ୍ଥିତ ରହି କେକ କାଟି ଜନ୍ମ ଦିନ ପାଳନ କରିଥିଲେ । ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରର ବାଇଶି ପାହାଚରେ ଏନଏସିର ଶତାଧିକ ସୁଭଦ୍ରା ମହିଳା ଏକାଠି ହୋଇ ସମୂହ ଦ୍ୱିପ ପ୍ରଜ୍ୱଳନ କରିଥିଲେ । ବାଲିଗୁଡା ଏନଏସି ବିଜେପି ପକ୍ଷରୁ ସ୍ଥାନୀୟ ବରାଳ ଦେବୀ ମନ୍ଦିର ରେ ଏକତ୍ରିତ ହୋଇ ସମୂହ ଦ୍ୱିପ ପ୍ରଜ୍ୱଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ମନୋଜ କୁମାର ରଥ, ସାଂସଦ ପ୍ରତିନିଧି ସୁରେନ୍ଦ୍ର ପାତ୍ର, ଅନୁସୂଚୀତ ଜାତି ରାଜ୍ୟ ସଂପାଦକ, ଅପରେଶ ସ୍ୱାଇଁ , ଦିଲ୍ଲୀପ ବାଗ, ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଅନିତା ନାୟକ, କୃଷକ ମୋର୍ଚ୍ଚା ସଧାରଣ ସମ୍ପାଦକ ରଞ୍ଜିତ ଚୌଧୁରୀ,ବରିଷ୍ଠ ବିଜେପି ନେତା କ୍ଷମା ସାଗର ପ୍ରଧାନ, ଦିଗାମ୍ବର ପାଣିଗ୍ରାହୀ, ରେଖା ମଲ୍ଲିକ, ରବିନ୍ଦ୍ର ପାତ୍ର, ଝରଣା ଦଣ୍ଡସେନା, ଅମିୟ ବେହେରା, ପୁରୁଷୋତମ ଡାକୁଆ, ବଳରାମ ପ୍ରଧାନୀ, ଦିଲ୍ଲୀପ ପାତ୍ର, ଗୋଦା ବାରି ନାୟକ, ଅହଲ୍ୟା ବେହେରା, କୈବର୍ତ ସମାଜର ଜିଲ୍ଲା ସଭାପତି ଅନ୍ତର୍ଯ୍ୟାମି ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଛନ୍ତି ବିକଶିତ ଭାରତର ବିନ୍ଧାଣୀ ମୋଦୀଜୀଙ୍କ ଦୀର୍ଘ ୫୦ ବର୍ଷର ଜନସେବା ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଶାସନ ଦେଶରେ କାୟାକଳ୍ପ ଆଣିଛି । ତାଙ୍କର ଏହି କଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ପାଳିତ ହେଉଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାନବସେବା ଓ ତ୍ୟାଗର ଏକ ବିରାଟ ଜନ-ଆନ୍ଦୋଳନ ।

ହାଇଦ୍ରାବାଦରେ ଓଡ଼ିଆ ମାହିଳା ଶ୍ରମିକ ମୃତ

ପାତ୍ରପୁର, ୧୭/୦୯ (ଆ.ପ୍ର) : ପାତ୍ରପୁର ବ୍ଲକ୍ ତୁଷୁରା ଗ୍ରାମର ପ୍ରତାପ ବାଡ଼ତ୍ୟା ଓ ତାଙ୍କ ସ୍ତ୍ରୀ ପ୍ରିୟଙ୍କା ହାଇଦ୍ରାବାଦରେ ଶ୍ରମିକ ଭାବେ କାମ କରିବା ପାଇଁ ଯାଇଥିବା ବେଳେ ବୁଧବାର ପ୍ରିୟଙ୍କା ବାଡ଼ତ୍ୟା(୩୦) ମୃତ୍ୟୁ ହୋଇଛି । ଗତ ଚାରି ମାସ ତଳେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଦୁଇ ପୁଅଙ୍କୁ ପଦାଦିଗୀରେ ଆଈଙ୍କ ନିକଟରେ ଛାଡି ହାଇଦ୍ରାବାଦ ଯାଇଥିଲେ । ହାଇଦ୍ରାବାଦର ନିଜାମପେଟା ରୋଡ଼ ରେ ଘର ଭଡା ନେଇ ଉଭୟ ରହି ପ୍ରତାପ ମେସ୍ତିରି କାମ କରୁଥିବା ବେଳେ ପ୍ରିୟଙ୍କା ନିକଟରେ ଥିବା ପ୍ରାଇଭେଟ ସ୍କୁଲରେ କାମରେ ଯୋଗ ଦେଇଥିଲେ । ଗତ ଦୁଇ ଦିନ ହେଲା ପ୍ରିୟଙ୍କାଙ୍କୁ ଜ୍ୱର ହୋଇଥିବା ବେଳେ ବୁଧବାର ସ୍କୁଲ ଛୁଟି କରି ସ୍ୱାମୀ ଓ ସ୍ତ୍ରୀ ନିକଟରେ ଥିବା ମେଡିକାଲକୁ ଯାଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ସେବା ସଂକଳ୍ପ ଅଭିଯାନ ଅବସରରେ 'ସେବାରେ ମୋର ଯୋଗଦାନ' କାର୍ଯ୍ୟକ୍ରମ

ଜଗତସିଂହପୁର, ୧୭/୦୯ (ଆ.ପ୍ର) : ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପାଳନ କରାଯାଉଥିବା "ସେବା ସଂକଳ୍ପ ଅଭିଯାନ-୨୦୨୬" ଅବସରରେ "ସେବାରେ ମୋର ଯୋଗଦାନ" କାର୍ଯ୍ୟକ୍ରମ ଅନ୍ତର୍ଗତ ଏରସମା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସା ଓ ଟୀକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ଏରସମା ଆନୁକୂଲ୍ୟରେ ପଏଦା ଠାରେ ଏହିଁ ପ୍ରାଣୀ ଚିକିତ୍ସା ଓ ଟୀକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୫୭ ଟି ପ୍ରାଣୀଙ୍କର ଚିକିତ୍ସା କରାଯିବା ସହିତ ୧୦୦ ଗାଈ ଗୋରୁଙ୍କର Lumpy Skin Disease ରୋଗ ନିମନ୍ତେ ପ୍ରତିଷେଧକ ଟୀକାକରଣ କରାଯାଇଛି । ୫ ଟି ଗାଈଙ୍କର ଗୋବର ନମୁନା ମଧ୍ୟ ପରୀକ୍ଷା କରାଯାଇଥିଲା । ଏଥି ସହିତ ପ୍ରାଣୀ ପାଳକ ମାନଙ୍କର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଶିବିରରେ ଲୋକମାନଙ୍କୁ ପ୍ରାଣୀ ସମ୍ପଦ ବିକାଶ ପକ୍ଷରୁ ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ଦିଆଯିବା ସହିତ ବିଭାଗ ଦ୍ୱାରା ପ୍ରସ୍ତୁତ ସଚେତନତା ପ୍ରଚାରପତ୍ରିକା ବଂଟନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣମାନେ ଅତ୍ୟନ୍ତ ଉତ୍ସାହର ଯୋଗଦାନ କରିଥିଲେ ।

ବିପଦର କାରଣ ପାଲଟିଛି ବିଦ୍ୟୁତ ଖୁଂଟର ଭଗ୍ନାବଶେଷ

ଖଣ୍ଡପଡ଼ା, ୧୭/୦୯ (ଆ.ପ୍ର) : ଖଣ୍ଡପଡ଼ା ସହର ୩ ନଂ ୱାର୍ଡ ଅଧୀନ କାହୁଆ ସାହି ରାସ୍ତା ମଝିରେ ବିପଦଜନକ ଅବସ୍ଥାରେ ଥିବା ଏକ ଲୁହା ବିଦ୍ୟୁତ ଖୁଂଟକୁ ଟାଟା ପାୱାର କର୍ତ୍ତୃପକ୍ଷ କାଟି ଦେବା ପରେ ଉକ୍ତ ବିଦ୍ୟୁତ ଖୁଂଟର ଭଗ୍ନାବଶେଷ ଏବେ ବି ବିପଦଜନକ ଅବସ୍ଥାରେ ଉକ୍ତ ରାସ୍ତା ପାର୍ଶ୍ୱରେ ରହିଛି । ଯାହାକି ସ୍ଥାନୀୟ ବାସିନ୍ଦାଙ୍କ ଯାତାୟତ ନିମନ୍ତେ ବିପଦର କାରଣ ପାଲଟିଥିବା ଜଣାପଡିଛି । ଅନ୍ଧାର ରାତିରେ ଉକ୍ତ ରାସ୍ତା ଦେଇ ଯାତାୟାତ କଲାବେଳେ ଉକ୍ତ ଲୁହା ଖୁଂଟ ଯୋଗୁଁ ଦୁର୍ଘଟଣା/ଅଘଟଣ ଘଟୁଥିବା ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଜଣାପଡିଛି । ରାସ୍ତା ଉପରୁ ବିଦ୍ୟୁତ ଖୁଂଟର ଭଗ୍ନାବଶେଷକୁ ତୁରନ୍ତ ହଟାଇବା ଦିଗରେ ଟାଟା ପାୱାର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ୱାର୍ଡ ବାସୀ ଦାବି କରିଛନ୍ତି ।

ଭାପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପରେ ଛାତ୍ରଛାତ୍ରୀଙ୍କୁ ମିଳିଲା ପ୍ରମାଣପତ୍ର

ଖଣ୍ଡପଡ଼ା, ୧୭/୦୯ (ଆ.ପ୍ର) : ଭାପୁର ତହସିଲ କର୍ତ୍ତୃପକ୍ଷଙ୍କ ମନମାନୀକୁ ନେଇ ବିଭିନ୍ନ ସମୟରେ ଅଂଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରଦାନରେ ଅବହେଳାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ଆସୁଥିବା ଜଣାପଡିଛି । ଏହିଭଳି ଏକ ଘଟଣାକ୍ରମେ ଜାତୀୟ ମେଧାବୃତି ପରୀକ୍ଷା ନିମନ୍ତେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୭ ତାରିଖ ଥିବା ବେଳେ ଆବଶ୍ୟକୀୟ ଜାତିଗତ ପ୍ରମାଣପତ୍ର ପ୍ରାପ୍ତି ନିମନ୍ତେ ଛାତ୍ରଛାତ୍ରୀମାନେ ବହୁ ପୂର୍ବରୁ ଅନଲାଇନ ଜରିଆରେ ଆବେଦନ କରିଥିଲେ । ମାତ୍ର ଭାପୁର ତହସିଲ କର୍ତ୍ତୃପକ୍ଷ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ କରୁଥିବା ନେଇ ଆବେଦନକାରୀ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏ ସଂପର୍କରେ ବାରମ୍ବାର ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହେବା ପରେ ଛାତ୍ରଛାତ୍ରୀମାନେ ଅଭିଭାବକଙ୍କ ସହ ଭାପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦେବା ପରେ ତହସିଲ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗି ଥିଲା । ଭାପୁର ତହସିଲଦାର ଛାତ୍ରଛାତ୍ରୀଙ୍କୁ ବୁଝାଇ ଧାରଣାରୁ ଉଠାଇବା ସହ ସେମାନଙ୍କୁ ଆବଶ୍ୟକ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଏହି ଘଟଣା ଏବେ ଭାପୁର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ବାରମ୍ବାର କର୍ତବ୍ୟରେ ଅବହେଳା ପ୍ରଦର୍ଶନ କରି ଆସୁଥିବା ଭାପୁର ତହସିଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ପ୍ରତି ନୟାଗଡ ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

ବିଭିନ୍ନ ଅନୁଷ୍ଠାନରେ ଧୁମ୍ ଧାମ୍‌ରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ

ଜି.ଉଦୟଗିରି, ୧୭/୦୯ (ଆ.ପ୍ର) : ବିଶ୍ୱ ବିନ୍ଧାଣୀ ବିଶ୍ୱକର୍ମାଙ୍କ ପୂଜା ଅବସରରେ ସ୍ଥାନୀୟ ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସୁନ୍ଦର ଆଲୋକ ତୋରଣରେ ସୁସଜ୍ଜିତ ପୂଜା ମେଢ଼ ଗୁଡ଼ିକରେ ମହା ଆଡ଼ମ୍ବରରେ ପୂଜା ଅନୁଷ୍ଠିତ ହୋଇଯାଇଛି । ସହରର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପୂଜାରେ ସହକାରୀ ଯନ୍ତ୍ରୀ ନିହାର ରଂଜନ ସ୍ୱାଇଁ କର୍ତ୍ତା ଭାବେ ପୂଜାରେ ବସିଥିବା ବେଳେ ସହକାରୀ ଯନ୍ତ୍ରୀ ନରେଶ ପ୍ରଧାନ, ଦଣ୍ଡପାଣି ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ରେ ସମସ୍ତ କର୍ମଚାରୀଙ୍କ ସହ କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ନାୟକ, କର୍ତ୍ତା ଭାବେ ପୂଜା ରେ ବସିଥିବା ବେଳେ ବଳରାମ ସାହୁ ଅନ୍ୟମାନେ ଉପସ୍ଥିତ ଥିଲେ । ସେହିପରି ଏନଏସି କାର୍ଯ୍ୟାଳୟ ପରିସରରେ ମଧ୍ୟ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ସସ୍ମିତା ବେହେରା, ଗଣେଶ ଜେନା, ସୌମ୍ୟରଞ୍ଜନ ପାତ୍ର, ପଙ୍କଜ ବେହେରାଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ହିନ୍ଦୁସ୍ଥାନ ପେଟ୍ରୋଲ ପମ୍ପ ନିକଟରେ ବିଶ୍ୱକର୍ମା ଶିଳ୍ପୀ ସଂଘ ପକ୍ଷରୁ ସମସ୍ତ ରୀତିନୀତି ଅନୁସାରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା କର୍ତ୍ତା ଭାବେ ସଂଘ ସମ୍ପାଦକ ରମେଶ ଚନ୍ଦ୍ର ମହାରଣା, ସଭାପତି ବିଶ୍ୱନାଥ ମହାରଣା, ଉପସଭାପତି ବିଶ୍ୱମ୍ବର ମହାରଣା, କୋଷାଧ୍ୟକ୍ଷ ରାଧାମୋହନ ମହାରଣା ଓ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା । ସେହିପରି ମହାବୀର ଶ୍ରମିକ ସଂଘ ପକ୍ଷରୁ ମାଉସୀ ମା ମନ୍ଦିର ପାର୍ଶ୍ୱରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ସାମାନ୍ୟ ବର୍ଷା ହୋଇଥିଲେ ମଧ୍ୟ ମହା ଆଡ଼ମ୍ବରରେ ବିଶ୍ୱ ବିନ୍ଧାଣୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ଅବସରରେ ରୋଗୀଙ୍କୁ ଫଳ ବଂଟନ

ଖଣ୍ଡପଡ଼ା, ୧୭/୦୯ (ଆ.ପ୍ର) : ବିକଶିତ ଭାରତର ଜନ ନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ଜନ୍ମ ଦିନ ପାଳନ ଅବସରରେ ଖଣ୍ଡପଡ଼ା ଓ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀମାନଙ୍କୁ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଗୁରୁବାର ଫଳ ବଂଟନ କରିବା ଅବସରରେ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିବା ଜଣାଯାଇଛି । ବିଧାୟକଙ୍କ ସହ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ନୟାଗଡ ଜିଲ୍ଲା ଭାଜପା ପ୍ରଭାରୀ ସୁରଥ ବିଶ୍ୱାଳ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ

ଜଗତସିଂହପୁର, ୧୭/୦୯ (ଆ.ପ୍ର) : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ଜନ୍ମଦିନ ଅବସରରେ ଏବଂ ସେବା ଓ ସମର୍ପଣ ୨୫ ବର୍ଷ ସୁଶାସନ ସେବା ଯୋଗାଇ ଆସୁଥିବାରୁ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନୀ କାମନା କରି ଏକ ଆଶୀର୍ବାଦର ଦୀପ ସମୂହ ଦୀପ ଦାନ କାର୍ଯ୍ୟକ୍ରମ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ବିଓଁଳ ଗଡନାଥ ମନ୍ଦିର ପ୍ରାଙ୍ଗଣରେରେ ଜଗତସିଂହପୁର ବିଧାୟକ, ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ସମୂହ ଆଶୀର୍ବାଦର ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିରର ପୂଜକ ମାନଙ୍କ ଦ୍ୱାରା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ଜଗତସିଂହପୁର ସିଡିପିଓ ଧନେଶ୍ୱରୀ ନାଏକ, ମିଶନଶକ୍ତି ବିପିସି କାର୍ତ୍ତିକ ସ୍ୱାଇଁ, ଓଏଲଏମ ପ୍ରିୟଙ୍କା ଶତପଥି, ବ୍ଲକ ଲେଭୁଲ ଫେଡ଼ରେସନର ସମସ୍ତ ସଦସ୍ୟା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଏବଂ ଶତାଧିକ ମା' ଭଉଣୀ ଦୀପଦାନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହା ସହ ସନ୍ଧ୍ୟା ସମୟରେ ମାନ୍ୟବର ବିଧାୟକଙ୍କ ନେତୃତ୍ୱରେ ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ମାର୍କଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏବଂ ଜଗତସିଂହପୁର ବିଧାୟକଙ୍କ ନିର୍ଦ୍ଦେଶ କର୍ମେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ପ୍ରତ୍ୟକ ପଂଚାୟତରେ ଏବଂ ପୌରାଂଚଳର ପ୍ରତ୍ୟକ ୱାର୍ଡରେ ବିଭିନ୍ନ ଦେବା ଦେବୀ ମନ୍ଦିର ରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପାତ୍ରପୁର, ୧୭/୦୯ (ଆ.ପ୍ର) : ଜରଡ଼ା ଥାନା ପାତ୍ରପୁର ବସଷ୍ଟାଣ୍ଡ ନିକଟରେ ଗଛକୁ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତକ ଜଣକ ହେଲେ ଚିକିଟି ବ୍ଲକ୍ ଜଳବାଡ଼ ଗ୍ରାମର ଲକ୍ଷ୍ମୀ ପାତ୍ରଙ୍କ ପୁଅ ପ୍ରଦ୍ୟୁମ୍ନ ପାତ୍ର (୨୯) । ସେ ଆଜି ସକାଳେ କୌଣସି କାମରେ ନିଜ ଗ୍ରାମରୁ ପାତ୍ରପୁର ଆସୁଥିବା ବେଳେ ଅସାବଧାନତା ହେତୁ ଗଛକୁ ବାଇକ୍‌ଟି ଧକ୍କା ଦେବାରୁ ସେଠାରେ ଗୁରୁତର ହୋଇ ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମଜୟନ୍ତୀରେ 'ସେବା ସଂକଳ୍ପ ଅଭିଯାନ' ଶୁଭାରମ୍ଭ

ଦଶପଲ୍ଲା, ୧୭/୦୯ (ଆ.ପ୍ର) : ପବିତ୍ର ବିଶ୍ୱକର୍ମା ପୂଜା ତଥା ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଜୟନ୍ତୀ ଅବସରରେ ଏନଏସି ଏବଂ ବ୍ଲକ ମଣ୍ଡଳ ପକ୍ଷରୁ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ଦଶପଲ୍ଲା ଏନ୍‌ଏସିସ୍ଥିତ ପ୍ରଭୁ ଶ୍ରୀ ରଘୁନାଥ ମନ୍ଦିର ପରିସରରେ ଶ୍ରଦ୍ଧାପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା । ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି 'ସେବା ସଂକଳ୍ପ ଅଭିଯାନ' ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ । ଏହି ମାସବ୍ୟାପୀ ଅଭିଯାନ ଅବସରରେ ସାରା ମଣ୍ଡଳରେ ବିଭିନ୍ନ ଲୋକହିତକର ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିମଧ୍ୟରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା, ସ୍ୱଚ୍ଛତା କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ରୋଗୀ ଓ ବରିଷ୍ଠ ନାଗରିକଙ୍କ ସେବା, ଗୋ-ସେବା, ଅସହାୟ ଲୋକଙ୍କୁ ସହାୟତା ଏବଂ ଯୋଗ ଶିବିର ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବିଜେପି ନେତା ରାଘବ ମଲ୍ଲିକ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବେହେରା, ଏନ୍‌ଏସି ପ୍ରଭାରୀ କିଶୋର ଚନ୍ଦ୍ର ଦଳବେହେରା, ଗଣିଆ ପ୍ରଭାରୀ ଅଞ୍ଜନ ଦାସ, ଜିଲ୍ଲା ସମ୍ପାଦକ ସନ୍ତୋଷ ବାରିକ ଓ ଏନ୍‌ଏସି ମହିଳାମୋର୍ଚ୍ଚା ଉପସଭାପତି ଜ୍ୟୋତ୍ସାରାଣୀ ମହାପାତ୍ରଙ୍କ ସମେତ ବହୁ ମହିଳା ଓ ପୁରୁଷ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଥିସହିତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ବ୍ଲକ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକଙ୍କ ସମେତ ଏନ୍‌ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ଉପସ୍ଥିତ କର୍ମକର୍ତ୍ତା ଓ କର୍ମଚାରୀଙ୍କ ସହଯୋଗରେ ପ୍ରାରମ୍ଭିକ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା ।

ଧାର୍ମିକ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହେଲା ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱକର୍ମା ପୂଜା

ରାଉରକେଲା, ୧୭/୦୯ (ଆ.ପ୍ର) : ହିନ୍ଦୁ ପୁରାଣର ଦିବ୍ୟ ସ୍ଥପତି ତଥା ନିର୍ମାଣ କଳାର ଦେବତା ଭଗବାନ ବିଶ୍ୱକର୍ମାଙ୍କୁ ଆରାଧନା କରି ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କର୍ମଚାରୀମାନେ ସେପ୍ଟେମ୍ବର ୧୭ ତାରିଖ ରେ ଧାର୍ମିକ ଶ୍ରଦ୍ଧା, ଉତ୍ସାହ ଓ ଆନନ୍ଦର ସହ ବିଶ୍ୱକର୍ମା ପୂଜା ପାଳନ କରିଛନ୍ତି । ସୃଜନଶୀଳତା, ଉଦ୍ଭାବନୀ କୌଶଳ ଓ ଶିଳ୍ପର ପ୍ରତୀକ ଭାବେ ପୂଜିତ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଏକ ପ୍ରଯୁକ୍ତିକେନ୍ଦ୍ରିକ ଇସ୍ପାତ କାରଖାନା ଭାବେ ଆରଏସପି ପାଇଁ ବିଶେଷ ମହତ୍ୱ ବହନ କରେ । କାରଖାନା ପରିସରରେ ଆରଏସପି କର୍ମଚାରୀମାନଙ୍କ ପକ୍ଷରୁ ୧୦୦ରୁ ଅଧିକ ସୁନ୍ଦର ଭାବେ ସଜ୍ଜିତ ପୂଜା ମଣ୍ଡପ ନିର୍ମାଣ କରାଯାଇଥିଲା । ମଣ୍ଡପଗୁଡ଼ିକରେ ଶିଳ୍ପକୌଶଳରେ ନିର୍ମିତ ଭଗବାନ ବିଶ୍ୱକର୍ମାଙ୍କ ମନୋରମ ପ୍ରତିମା ସ୍ଥାପନ କରାଯାଇଥିଲା । ଏହି ପୂଜା ମଣ୍ଡପଗୁଡ଼ିକ କର୍ମଚାରୀ ଓ ଭକ୍ତମାନଙ୍କର ବିଶେଷ ଆକର୍ଷଣର କେନ୍ଦ୍ର ପାଲଟିଥିଲା । ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସହ, ଇଡି (ମାଇନ୍ସ ଡେଭଲପମେଂଟ-ସିଏମଏଲଓ), ବି କେ ଗିରି, ଇଡି (ୱର୍କ୍ସ), ବିଶ୍ୱରଞ୍ଜନ ପଲାଇ, ଇଡି (ଏମଏମ), ଅନିଲ କୁମାର, ଇଡି (ମାଇନ୍ସ, ଓଡ଼ିଓଏମ-ସିଏମଏଲଓ), ଏମ ପି ସିଂହ, ଇଡି (ପ୍ରୋଜେକ୍ଟସ୍), ସୁଦୀପ ପାଲ ଚୌଧୁରୀ, ସିଜିଏମ୍ (ଏଚଆର) ତଥା ଇଡି (ଏଚଆର)ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ମନସ ରଞ୍ଜନ ରଥ, ସିଏମଓ ଇନ୍‌ଚାର୍ଜ (ଏମ୍ ଆଣ୍ଡ ଏଚ୍‌ଏସ୍), ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ୍ (ଏଫ୍ ଆଣ୍ଡ ଏ) ତଥା ଇଡି (ଏଫ୍ ଆଣ୍ଡ ଏ)ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ରାଜେଶ ଦାସଗୁପ୍ତଙ୍କ ସମେତ କାରଖାନାର ଅନେକ ବରିଷ୍ଠ ଅଧିକାରୀ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ଭଗବାନ ବିଶ୍ୱକର୍ମାଙ୍କ ଦର୍ଶନ କରିଥିଲେ । ସେମାନେ ଷ୍ଟିଲ୍ ପ୍ଲାଂଟ ପରିସର ସହିତ ଟାଉନସିପ୍‌ର ବିଭିନ୍ନ ପୂଜା ମଣ୍ଡପ ମଧ୍ୟ ପରିଦର୍ଶନ କରିଥିଲେ । ପୂଜା ମଣ୍ଡପ ପରିଦର୍ଶନ ପରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆରଏସପିର ହସ୍ତତନ୍ତ କେନ୍ଦ୍ର ଦୀପିକା ହସ୍ତ କରଘା ପରିଦର୍ଶନ କରିଥିଲେ । ଏହି କେନ୍ଦ୍ରଟି ଦୀପିକା ମହିଳା ସଂଘଟି ପକ୍ଷରୁ ପରିଚାଳିତ ହେଉଛି । ଦୀପିକା ମହିଳା ସଂଘଟିର ସଭାନେତ୍ରୀ ନମ୍ରତା ବର୍ମା ଏବଂ ଅନ୍ୟ ପଦାଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ହିନ୍ଦୁ ପୁରାଣ ଅନୁସାରେ ଭଗବାନ ବିଶ୍ୱକର୍ମା ଦେବତାମାନଙ୍କର ଅବାସର ଦିବ୍ୟ ସ୍ଥପତି ଭାବେ ପରିଚିତ । ସେ ସୃଜନଶୀଳତା, ଉଦ୍ଭାବନୀ କୌଶଳ ଓ ଶିଳ୍ପର ପ୍ରତୀକ ଭାବେ ପୂଜିତ ହୁଅନ୍ତି । ତେଣୁ ପ୍ରଯୁକ୍ତି ଓ ଶିଳ୍ପକୌଶଳକୁ ଆଧାର କରି କାର୍ଯ୍ୟ କରୁଥିବା ରାଉରକେଲା ଇସ୍ପାତ କାରଖାନାରେ ଏହି ପୂଜାର ବିଶେଷ ମହତ୍ୱ ରହିଛି । ଏହି ଅବସର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କର ଦଳଗତ କାର୍ଯ୍ୟ, ସୃଜନଶୀଳତା ଓ ଶିଳ୍ପକୌଶଳର ଏକ ଜୀବନ୍ତ ପ୍ରଦର୍ଶନୀରେ ପରିଣତ ହୋଇଥିଲା । ବିଭିନ୍ନ ବିଭାଗର ଦଳଗୁଡ଼ିକ ନିଜସ୍ୱ ସୃଜନଶୀଳ ପ୍ରତିଭାର ସମନ୍ୱୟ କରି ମଣ୍ଡପରେ ଆକର୍ଷଣୀୟ ଥିମ୍, ସୁନ୍ଦର ସାଜସଜ୍ଜା ଓ ମନୋରମ କଳାକୃତି ପ୍ରସ୍ତୁତ କରିଥିଲେ । ଏହାଦ୍ୱାରା ବିଭିନ୍ନ ଶପ୍ ଓ ପ୍ଲାଂଟ ୟୁନିଟ୍‌ଗୁଡ଼ିକ ଉତ୍ସବମୁଖର ପରିବେଶରେ ପରିଣତ ହୋଇଥିଲା । ଏଥିରେ କର୍ମଚାରୀମାନଙ୍କର ବୈଷୟିକ ଦକ୍ଷତା ସହିତ ସହଯୋଗ, ସମନ୍ୱୟ ଓ ଦଳଗତ ଭାବନାର ମଧ୍ୟ ସୁନ୍ଦର ପ୍ରତିଫଳନ ଦେଖିବାକୁ ମିଳିଥିଲା ।

କୋରାପୁଟ ବନାଂଚଳ ଅଧିକାରୀ ଏସ୍‌କେ ପାହାଡସିଂହ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ

କୋରାପୁଟ, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ କୋରାପୁଟ ବନଖଣ୍ଡ ପକ୍ଷରୁ 'ମା' ପାଇଁ ଗଛଟିଏ ୩.୦' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ବାର୍ତ୍ତା ନେଇ ସ୍ଥାନୀୟ କୋଟିଜାଡଙ୍ଗର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଏହି କାର୍ଯ୍ୟକ୍ରମ ହୋଇଥିଲା । କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ । କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ସମ୍ମାନିତ ଅତିଥି ଏବଂ କୋରାପୁଟ ବନଖଣ୍ଡ ଅଧିକାରୀ ସିଦ୍ଧାର୍ଥ ଜୈନ ଆୟୋଜକ ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଛପର ବନ ସୁରକ୍ଷା ସମିତିର ସଦସ୍ୟସଦସ୍ୟା, ବନଭାରତୀ ବିଦ୍ୟାପୀଠର ଛାତ୍ରଛାତ୍ରୀ ଏବଂ ବନଖଣ୍ଡର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରଜାତିର ମୋଟ ୭୬ଟି ଚାରା ରୋପଣ କରାଯାଇଥିଲା ।

ମୋହନପୁରରେ 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମରେ ବାସୁଦେବ ପୁର ବିଧାୟକ ବୃକ୍ଷ ରୋପଣ

ବାସୁଦେବପୁର, ୧୭/୦୯ (ଆ.ପ୍ର) : ମା'ଙ୍କ ନାମରେ ଗଛଟିଏ.ଗଛରେ ଭବିଷ୍ୟତ..ଆଉ ସବୁଜିମାରେ ସୁରକ୍ଷିତ ହେବ ଆମ ପୃଥିବୀ ।ପରିବେଶ ସୁରକ୍ଷାର ଏହି ମହାବାର୍ତ୍ତାକୁ ନେଇ ଭଦ୍ରକ ଜିଲ୍ଲା ବାସୁଦେବପୁରର ମୋହନପୁରରେ ଆୟୋଜିତ ହୋଇଛି 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ବନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଛି । ସବୁଜ ହେବ ଧରଣୀ.ବଂଚିବ ପରିବେଶ.ସୁରକ୍ଷିତ ରହିବ ଆଗାମୀ ପିଢ଼ି । ମା'ଙ୍କ ପ୍ରତି ସମ୍ମାନ ଏବଂ ପ୍ରକୃତି ପ୍ରତି ଦାୟିତ୍ୱକୁ ଏକାଠି କରି ମୋହନପୁର ଠାରେ ଆୟୋଜିତ ହୋଇଛି 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ମୋହନପୁରରେ ବାସୁଦେବପୁର ବନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷାର ବାର୍ତ୍ତାଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଏହି ଅଭିଯାନ ଆୟୋଜିତ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । କେବଳ ଗଛ ଲଗାଇଦେଲେ ହେବନାହିଁ... ଗଛକୁ ବଂଚାଇବାକୁ ହେବ...ତାହାର ଯତ୍ନ ନେବାକୁ ହେବ...ଆଉ ଆଗାମୀ ପିଢ଼ିକୁ ଏକ ସୁସ୍ଥ ଓ ସବୁଜ ପରିବେଶ ଦେବାକୁ ହେବ । ଏହି ଚିନ୍ତାଧାରାକୁ ନେଇ ମୋହନପୁରରେ ବନ ବିଭାଗ ଓ ବନ ସୁରକ୍ଷା ସମିତିର ସଦସ୍ୟମାନେ ଏକାଠି ହୋଇ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ବୃକ୍ଷ ହେଉଛି ପରିବେଶର ଜୀବନ ରେଖା । ମଣିଷର ଜୀବନ ସହିତ ଗଛର ସମ୍ପର୍କ ଅତୁଟ । ତେଣୁ ଅଧିକରୁ ଅଧିକ ଗଛ ଲଗାଇବା ସହ ଏହାର ସୁରକ୍ଷା କରିବା ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଭଦ୍ରକ ଏସିଏଫ୍ ଧରିତ୍ରୀ ମୁର୍ମୁ, ବାସୁଦେବପୁର ବନାଂଚଳ ଅଧିକାରୀ ଅତୁଳ କୁମାର ମହାନ୍ତି ଉପସ୍ଥିତ ଥିଲେ । କୁମାରପୁର ଗ୍ରାମପଂଚାୟତର ସରପଂଚ ଙ୍କ ପ୍ରତିନିଧି ସୁକାନ୍ତ ମାଝୀ ଏବଂ ପଦୁଆ ଗ୍ରାମପଂଚାୟତର ସରପଂଚ ପ୍ରତିନିଧି ବୃନ୍ଦାବନ ଦାସ, ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଥିଲେ ।ବନ ବିଭାଗର ବନପାଳ ସୁଶିଲ କୁମାର ସିଂ, ନନ୍ଦ କିଶୋର ବାରିକ, ଶ୍ରୀକାନ୍ତ ବାରିକ, ଦେବାଶିଷ ବାରିକ ଓ ବିଭୂତି ମହାକୁଡଙ୍କ ସମେତ ବନ ବିଭାଗର ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ । ଏସ ଏସ୍ ଜୀ ମହିଳା ମାନେ ଓ ବନ ସୁରକ୍ଷା ସମିତିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିବର୍ତ୍ତିତ ଜଳବାୟୁ, ବଢୁଥିବା ତାପମାତ୍ରା ଓ ପରିବେଶ ପ୍ରତି ବଢୁଥିବା ବିପଦ ମଧ୍ୟରେ ଗଛର ଗୁରୁତ୍ୱ ଆହୁରି ବଢ଼ିଯାଇଛି । ତେଣୁ ଗୋଟିଏ ଗଛ ଲଗାଇବା ଅର୍ଥ କେବଳ ମାଟିରେ ଏକ ଚାରା ରୋପଣ ନୁହେଁ...ଏହା ହେଉଛି ଆଗାମୀ ଦିନ ପାଇଁ ଏକ ଆଶାର ବୀଜ ରୋପଣ । ଏକ ପେଡ୍ ମା କେ ନାମ' ଭଳି ଅଭିଯାନ ମାଧ୍ୟମରେ ଲୋକଙ୍କ ମନରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ୟମ କରାଯାଉଛି । ମା'ଙ୍କ ନାମରେ ଗଛଟିଏ । ଗଛ ପାଇଁ ଯତ୍ନଟିଏ । ଆଉ ପରିବେଶ ପାଇଁ ଦାୟିତ୍ୱଟିଏ । ମୋହନପୁରରୁ ଉଠିଛି ସବୁଜ ପୃଥିବୀର ସନ୍ଦେଶ ।ଗଛ ଲଗାଇବା ସହ ଗଛକୁ ବଂଚାଇବାର ସଂକଳ୍ପ ହିଁ ହେଉଛି ଏହି ଅଭିଯାନର ପ୍ରକୃତ ଲକ୍ଷ୍ୟ ।

ଗୁଣିଗାରେଡି ସନ୍ଦେହରେ ହତ୍ୟା ମାମଲାରେ ଆଜୀବନ ସଜା ଭୋଗିବେ ୧୨ ଅଭିଯୁକ୍ତ

ପାରଳାଖେମୁଣ୍ଡି, ୧୭/୦୯ (ଆ.ପ୍ର) : ସ୍ୱାଧୀନତାର ୭୯ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଗୁଣିଗାରେଡିକୁ ନେଇ ଲୋକଙ୍କ ମାନସିକତା ବଦଳି ନାହିଁ । ଏହି କୁତ୍ସିତ ମାନସିକତାକୁ ନେଇ ଅଡ଼ବା ଥାନା ଅନ୍ତର୍ଗତ ମୁଟାଗୁଡା ସଉରା ସାହିର ବାପପୁଅଙ୍କୁ ଗୁଣିଆ ସନ୍ଦେହରେ ଘରୁ ଡାକି ନେଇ ହତ୍ୟା କରିବା ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ସେସନ ଜଜ୍ ହର ପ୍ରସାଦ ପଟ୍ଟନାୟକ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୦୨ରେ ଅଡ଼ବା ଥାନା ଅନ୍ତର୍ଗତ ମୁଟାଗୁଡା ସଉରା ସାହିର ୧୨ଜଣ ଅଭିଯୁକ୍ତ ଜୋସୁଆ ଗମାଙ୍ଗ (୩୬ବର୍ଷ), ବେଞ୍ଜାମିନ ଗମାଙ୍ଗ (୪୦ବର୍ଷ), ସଞ୍ଜୟ ଗମାଙ୍ଗ (୨୮ବର୍ଷ), ଅଭିମନ୍ୟୁ ରାଇକା (୩୫ବର୍ଷ), କାନ୍ଦ୍ରା ଗମାଙ୍ଗ (୬୭ବର୍ଷ), ମିଖାଇଲ ଗମାଙ୍ଗ (୫୫ବର୍ଷ), ସେଡୋ ରାଇକା (୪୨ବର୍ଷ), ଜିରିମିୟ ରାଇକା (୪୨ବର୍ଷ), ଆବ୍ରାହାମ ବଡ଼ରଇତ (୪୫ବର୍ଷ), ଜୁନେସ ରଇତ (୪୦ବର୍ଷ), କୁରା ରଇତ (୬୦ବର୍ଷ) ଓ ସୋମନାଥ ଗମାଙ୍ଗ (୪୫ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଅର୍ଥ ରାଶିରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଆହୁରି ଛଅମାସ ସଶ୍ରମ କାରାଦଣ୍ଡ ଭୋଗ କରିବେ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ତା ୧୨-୦୬-୨୦୨୧ରିଖ ଦିନ ସନ୍ଧ୍ୟା ୫ଘଟିକା ସମୟରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ମୃତକ ଲୁକ ଦଳବେହେରାଙ୍କୁ ଘରୁ ଡାକି ନେଇ ଜୋସିଆ ଗମାଙ୍ଗଙ୍କ ଘର ନିକଟରେ ଏକ ଆଲୋଚନା କରି ତାଙ୍କୁ ଗୁଣିଗାରେଡି କରୁଥିବା ନେଇ ଦୋଷାରୋପ କରିଥିଲେ । ପରେ ଅନ୍ୟ ଜଣେ ଅଭିଯୁକ୍ତଙ୍କ ଦ୍ୱାରା ମୃତକଙ୍କ ପୁଅ ଅନୁକ ଦଳବେହେରାଙ୍କୁ ସେହି ସ୍ଥାନକୁ ଡକା ଯାଇଥିଲା । କିନ୍ତୁ ରାତି ୧୧ଟା ବେଳେ ଏହି ବାପ ପୁଅ ଦୁହିଁଙ୍କୁ ଅଭିଯୁକ୍ତମାନେ ଗାଁ ମୁଣ୍ଡକୁ ଟାଣିଟାଣି ନେଇ ଗାଁ ମୁଣ୍ଡରେ ଥିବା କୁସୁମ ସାହି ପଡିଆ ଜମିରେ ହତ୍ୟା କରିଥିଲେ । କିନ୍ତୁ ମୃତ୍ୟୁ ପୂର୍ବରୁ ଅନୁକଙ୍କ ବେକ କଟିଥିବା ଅବସ୍ଥାରେ ସେ ସେଠାରୁ ଆସି ନିଜ ଘର ଲୋକଙ୍କୁ ଆଙ୍ଗୁଠି ଦେଖାଇ ତାଙ୍କ ବାପା ପଡିଥିବା ଜାଗାକୁ ଦେଖାଇଥିଲେ ଓ ପରେ ସେ ମରିଯାଇଥିଲେ । ଏହି ଲୋମହର୍ଷଣ ଘଟଣାକୁ ନେଇ ଏତଲାକାରିଣୀ ଝିଅ ଏକ ସଙ୍ଗିନ ମାମଲା ୧୩-୦୬-୨୦୨୧ରେ ଅଡ଼ବା ଥାନାରେ ଦାୟର କରିଥିଲେ, ଯାହାକି ମାମଲା ନମ୍ବର ୬୩/୨୧ରେ ପଞ୍ଜିକୃତ ହୋଇଥିଲା । ମାମଲାର ଗମ୍ଭୀରତାକୁ ନଜରରେ ରଖି ତତ୍କାଳୀନ ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲେ । ଆଜି ୨୩ଜଣ ବରିଷ୍ଠ ସାକ୍ଷୀ ପ୍ରମାଣ ତଥା ୨୭ଦସ୍ତାବିଜକୁ ଆଧାର କରି ମାନ୍ୟବର ନ୍ୟାୟାଧୀଶ ଉକ୍ତ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି । ସୂଚନାଯୋଗ୍ୟ, ଆଉ ଜଣେ ଅଭିଯୁକ୍ତ ଦେବ ମିସାଙ୍କ ମାମଲା ଅଲଗା ଭାବେ ଏବେ ବି ବିଚାରାଧୀନ ରହିଛି ।

ରାଜସାହେବ କ୍ଲବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଲେ ଦଶପଲ୍ଲା ବିଧାୟକ

ଦଶପଲ୍ଲା, ୧୭/୦୯ (ଆ.ପ୍ର) : ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ରାଜବାଟୀ ନିକଟସ୍ଥ ରାଜସାହେବ କ୍ଲବ ପରିସରରେ ଗଣେଶ ପୂଜା ଅବସରରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ସୁରେଶ କୁମାର ସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ଅଶ୍ୱିନୀ କୁମାର ରାୟ ଓ ଉପସଭାପତି ଉପେନ୍ଦ୍ର ସେନାପତି ମଂଚାସୀନ ହୋଇଥିଲେ । ଗଣେଶ ପୂଜା ଅବସରରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇଥିଲା । କାର୍ଯ୍ୟକ୍ରମକୁ ଦିଲ୍ଲୀପ କୁମାର ପଣ୍ଡା (ଡାଲୁ ଭାଇନା) ସୁଚାରୁ ରୂପେ ମଂଚ ପରିଚାଳନା କରିଥିଲେ । କ୍ଲବର ସଦସ୍ୟ, ଆୟୋଜକ ଓ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟକ ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ସେଇଥିରୁ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୧୮ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ନୂଆପଡ଼ା ଜିଲ୍ଲାପାଳଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ବିଭିନ୍ନ ୱାର୍ଡ ବୁଲିବା ସହ ସ୍ୱାସ୍ଥ୍ୟସେବାର ସମୀକ୍ଷା

ନୂଆପଡ଼ା, ୧୭/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବିଭିନ୍ନ ୱାର୍ଡ ବୁଲି ରୋଗୀସେବା, ଚିକିତ୍ସାଳୟର ପରିବେଶ, ସ୍ୱଚ୍ଛତା ଓ ଅନ୍ୟାନ୍ୟ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଅସ୍ଥିଶଲ୍ୟ, ସର୍ଜରୀ ଓ ମେଡିସିନ୍ ସମେତ ବିଭିନ୍ନ ୱାର୍ଡକୁ ଯାଇ ଭର୍ତ୍ତି ରୋଗୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା, ଚିକିତ୍ସା ବ୍ୟବସ୍ଥା, ଆବଶ୍ୟକ ଔଷଧ ଓ ଅନ୍ୟାନ୍ୟ ସୁବିଧା ଠିକ୍ ଭାବେ ମିଳୁଛି କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲେ । ଚିକିତ୍ସାଳୟର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେଇଥିଲେ । ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ସ୍ୱଚ୍ଛ, ସୁରକ୍ଷିତ ଓ ସୁସ୍ଥ ପରିବେଶ ଯୋଗାଇଦେବା ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ । ଜିଲ୍ଲାପାଳ ଡାକ୍ତରମାନଙ୍କ ସହ ଆଲୋଚନା କରି ରୋଗୀସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ । ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ଓ ଦାୟିତ୍ୱବାନ ଆଚରଣ, ସମୟୋଚିତ ଚିକିତ୍ସା, ଆବଶ୍ୟକ ପରାମର୍ଶ ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହାସହ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ମୁକ୍ତ ଚିକିତ୍ସାଳୟ ପରିବେଶ ଗଠନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଚିକିତ୍ସାଳୟ ପରିସରରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର ନକରିବା, ପ୍ଲାଷ୍ଟିକ୍ ଆବର୍ଜନା ଏଣେତେଣେ ନପକାଇବା ଏବଂ ଆବର୍ଜନାର ଉପଯୁକ୍ତ ପରିଚାଳନା ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ସମୟରେ ରୋଗୀଙ୍କ ରକ୍ତଚାପ ସମେତ ଅନ୍ୟାନ୍ୟ ପରୀକ୍ଷା କେବଳ ନିର୍ଦ୍ଧାରିତ ଡାକ୍ତର ଓ ଷ୍ଟାଫ୍ ନର୍ସଙ୍କ ଦ୍ୱାରା କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାର ସଠିକ୍ ନିରୀକ୍ଷଣ ଓ ସୁରକ୍ଷା ପାଇଁ ଏହି ବ୍ୟବସ୍ଥାର କଡ଼ାକଡ଼ି ପାଳନ କରିବାକୁ ସେ କହିଥିଲେ । ଏହା ବ୍ୟତୀତ, ବର୍ତ୍ତମାନର ଡାଇରିଆ ୱାର୍ଡକୁ ଆବଶ୍ୟକତା ଅନୁଯାୟୀ ଏକ ସ୍ୱତନ୍ତ୍ର ଆଇସୋଲେସନ୍ ୱାର୍ଡ ଭାବେ ବିକଶିତ କରିବା ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଆବଶ୍ୟକ ସମୟରେ ରୋଗୀଙ୍କୁ ପୃଥକୀକରଣ, ସଂକ୍ରମଣ ନିରୋଧ ଓ ଚିକିତ୍ସା ପରିଚାଳନାକୁ ଅଧିକ ସୁଦୃଢ଼ କରିବା ଏହାର ଉଦ୍ଦେଶ୍ୟ । ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଇଶାନୀ ମିତ୍ର ଓ ଡିପିଏମ ସତ୍ୟନାରାୟଣ ତ୍ରିପାଠୀଙ୍କ ସମେତ ଚିକିତ୍ସାଳୟର ଡ଼ାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ରାଇକିଆ କଲେଜରେ ସାଇବର କ୍ରାଇମ୍ ଓ ଫାଇନାନ୍ସ ଲିଟ୍ରେସି ସଚେତନ କାର୍ଯ୍ୟକ୍ରମ

ଟିକାବାଲି, ୧୭/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ସୁଧା କିରଣ କଲେଜ ରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଙ୍କ ସଭାପତିତ୍ୱରେ ସାଇବର କ୍ରାଇମ୍ ଓ ଫାଇନାନ୍ସ ଲିଟ୍ରେଶି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ରାଇକିଆ ଷ୍ଟେଟ୍ ବ୍ୟାଙ୍କ୍ ମ୍ୟାନେଜର ଅମିତ୍ କୁମାର ସେଠୀ ଆଜିକା ଦିନରେ ସାଇବର ଠକମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ଟଙ୍କା ହଡ଼ପ କରୁଛନ୍ତି । ସଚେତନ ନ ହେଲେ ଡିଜିଟାଲ ଆରେଷ୍ଟ କହି ଲକ୍ଷ ଲକ୍ଷ ଟଙ୍କା ନେଇଯାଉଛନ୍ତି । ଆମକୁ ସଚେତନ ହେବାକୁ ହେବ ଓ ବ୍ୟାଙ୍କରେ ଖାତା କିପରି ଖୋଲିବେ କମ୍ ସୁଧରେ ଋଣ କିପରି ପାଇ ତାକୁ ଠିକ୍ ଜାଗାରେ ବିନିଯୋଗ କରି ଲାଭବାନ୍ ହେବେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ରାଇକିଆ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ଓ ଯୁକ୍ତ ଦୁଇ ଅଧ୍ୟକ୍ଷ ଡ ଶ୍ୟାମ ସୁନ୍ଦର ଡ଼ାଙ୍ଗୁଆ ଯୋଗଦେଇଥିଲେ । ଅଧ୍ୟାପକ ଆଲୋକ ପରିଚ୍ଛା ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପକ ଧର୍ମେନ୍ଦ୍ର ଡିଗାଲ ଅତିଥି ପରିଚୟ ପ୍ରଦାନ କରିଥିଲେ, ଅଧ୍ୟାପକ ନିଳାଂଚଳ ସାହୁ ଓ ବିଜୁ ଭୂଷଣ ପ୍ରଧାନ ସହଯୋଗ କରିଥିଲେ ।

ପରମ୍ପରା ଓ ସଂସ୍କୃତିର ଅପୂର୍ବ ମିଳନରେ ପାଳିତ ହେଲା ନବାନ୍ନ ଉତ୍ସବ

ବଣାଇ, ୧୭/୦୯ (ଆ.ପ୍ର) : ଶବରା: ଗଣେଶ ପୂଜା ଓ ନୂଆଁଖାଇ ଉପଲକ୍ଷେ ଦୁଇଦିନ ଧରି ଆନନ୍ଦ ଉଲ୍ଲାସର ସହ ପରମ୍ପରା ଓ ସଂସ୍କୃତିର ଅପୂର୍ବ ମିଳନରେ ପାଳିତ ହୋଇଛି ସିଦ୍ଧି ବିନାୟକ ଓ ନବାନ୍ନ ଉତ୍ସବ । ବଣାଇଗଡ଼ ଅଂଚଳର ଶବରା ଗ୍ରାମସ୍ଥିତ ସିଦ୍ଧି ବିନାୟକ ଯୁବ ସଂଘ ପକ୍ଷରୁ ଗତ ୧୪ ଓ ୧୫ ତାରିଖରେ ଗଣେଶ ପୂଜା ଅବସରରେ ଦୁଇଦିନିଆ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କଳାକାରମାନେ ଯୋଗଦେଇ ବିଭିନ୍ନ ପାରମ୍ପରିକ ଓ ଲୋକକଳା ପରିବେଷଣ କରିଥିଲେ । ପ୍ରଥମ ସନ୍ଧ୍ୟାରେ ପୁରୀ ଜିଲ୍ଲାର ସତ୍ୟବାଦୀରୁ ଆସିଥିବା କଳାକାରମାନେ ଭକ୍ତି ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ଭକ୍ତିମୟ ପରିବେଶରେ ବିଭୋର କରିଥିଲେ । ଏଥିସହ ବରଗଡ଼ରୁ ଆସିଥିବା ସମ୍ବଲପୁରୀ ନୃତ୍ୟ କଳାକାରମାନେ ଢୋଲ ଓ ନିଶାଣର ତାଳେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଝୁମାଇଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରୁ ଆସିଥିବା ପାଲା କଳାକାରମାନଙ୍କ ଦ୍ୱାରା ବାଦୀ ପାଲା ପରିବେଷଣ କରାଯାଇଥିଲା । ପାଲା ମାଧ୍ୟମରେ ପୌରାଣିକ କଥାବସ୍ତୁ, ଧର୍ମୀୟ ଓ ସାମାଜିକ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଆଧୁନିକତାର ପ୍ରଭାବ ମଧ୍ୟରେ ଏଭଳି ପାରମ୍ପରିକ କଳାକୁ ଜୀବନ୍ତ ରଖିବା ସହ ଦର୍ଶକମାନଙ୍କୁ ନିଜ ଐତିହ୍ୟ ଓ ସଂସ୍କୃତି ସହ ଯୋଡ଼ିବାରେ ଏହି କାର୍ଯ୍ୟକ୍ରମ ବିଶେଷ ଭୂମିକା ନେଇଥିଲା । ସୂଚନାଯୋଗ୍ୟ, ସିଦ୍ଧି ବିନାୟକ ଯୁବ ସଂଘ, ଶବରା ପକ୍ଷରୁ ଅଂଚଳର କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ନିୟମିତ ଭାବେ ବିଭିନ୍ନ ପ୍ରୟାସ କରାଯାଉଛି । ପ୍ରତିବର୍ଷ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଓ ଲୋକକଳା ଦଳଗୁଡ଼ିକୁ ନିମନ୍ତ୍ରଣ କରାଯାଇ ସାଂସ୍କୃତିକ ନୃତ୍ୟ ଓ କଳା ପରିବେଷଣର ସୁଯୋଗ ଦିଆଯାଉଛି । ଏହା ଫଳରେ ଆଧୁନିକ ଯୁଗରେ ମଧ୍ୟ ପାରମ୍ପରିକ କଳା, ଲୋକସଂସ୍କୃତି ଓ ଐତିହ୍ୟକୁ ପରବର୍ତ୍ତୀ ପିଢ଼ି ସହ ଯୋଡ଼ି ରଖିବାରେ ସହାୟକ ହେଉଛି ।

ରାଜସାହେବ କ୍ଲବର ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଦଶପଲ୍ଲା, ୧୭/୦୯ (ଆ.ପ୍ର) : ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ରାଜବାଟୀ ନିକଟସ୍ଥ ରାଜସାହେବ କ୍ଲବ ପକ୍ଷରୁ ଗଣେଶ ପୂଜା ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କ୍ଲବ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟକ ଲୋକ ଯୋଗଦେଇଥିଲେ । କ୍ଲବ ସଭାପତି ସୁରେଶ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କ୍ଲବର ସମ୍ପାଦକ ଅଶ୍ୱିନୀ କୁମାର ରାୟ ଓ ଉପସଭାପତି ଉପେନ୍ଦ୍ର ସେନାପତି ମଂଚାସୀନ ଥିଲେ । ଗଣେଶ ପୂଜା ଅବସରରେ ସାଂସ୍କୃତିକ ପରିବେଷଣ ସହ ମେଲୋଡି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମେଲୋଡିରେ ବିଭିନ୍ନ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଏହି ଅବସରରେ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ଗଣେଶ ପୂଜାର ଶୁଭେଚ୍ଛା ଜଣାଇବା ସହ ସାଂସ୍କୃତିକ ପରମ୍ପରାର ସୁରକ୍ଷା ଏବଂ ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହନ ଦିଗରେ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ କହିଥିଲେ । ଏଥିସହ ରାଜସାହେବ କ୍ଲବ ପକ୍ଷରୁ ଧାର୍ମିକ କାର୍ଯ୍ୟକ୍ରମ ସହିତ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିବାରୁ ଏହା ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।ଦିଲ୍ଲୀପ କୁମାର ପଣ୍ଡା (ଡାକୁ ଭାଇନା) କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିଲେ । କ୍ଲବର ସଦସ୍ୟମାନଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା ।

ଝରିଗାଁରେ ବାବା ବିଶ୍ୱକର୍ମା ପୂଜା ଅନୁଷ୍ଠିତ

ଝରିଗାଁ, ୧୭/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦରର ବିଭିନ୍ନ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରେ ବାବା ବିଶ୍ୱକର୍ମା ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟୁତ ବିଭାଗର ଅଧିକାରୀ ଇଞ୍ଜିନିୟର ସୁଜିତ କୁମାର ପୁଷ୍ଟିଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପୁରୋହିତ ପ୍ରଭାତ କୁମାର ଶତପଥୀ ବାବା ବିଶ୍ୱକର୍ମାଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ସହ ପୂଜା ଅର୍ଚ୍ଚନା କରିଥିଲେ । ଆଧ୍ୟାତ୍ମିକ ଭକ୍ତିମୟ ପରିବେଶରେ ଶ୍ରଦ୍ଧାଳୁ ବିଶ୍ୱକର୍ମାଙ୍କ ଆଶିଷ ଗ୍ରହଣ କରିଥିଲେ । ଏହି ଅବସରରେ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିଧିବିଧାନ ଅନୁଯାୟୀ ବାବା ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ । ବିଦ୍ୟୁତ ବିଭାଗର ଯନ୍ତ୍ରପାତି ଓ କାର୍ଯ୍ୟସ୍ଥଳର ସୁରକ୍ଷା ସହ ସମସ୍ତଙ୍କ ମଙ୍ଗଳ କାମନା କରି ପୂଜା କରାଯାଇଥିଲା । ବିଶ୍ୱକର୍ମା ପୂଜା ମଣ୍ଡପ ବିଭିନ୍ନ ରଙ୍ଗିନ ଏଲ୍ଇଡି ଆଲୋକରେ ସଜ୍ଜିତ ହୋଇଛି । ବାବା ବିଶ୍ୱକର୍ମାଙ୍କ ସୁନ୍ଦର ମୂର୍ତ୍ତି ଦର୍ଶନ କରିବାକୁ ବିଭିନ୍ନ ଗ୍ରାମରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି । ଦର୍ଶନ ପାଇଁ ଆସୁଥିବା ଭକ୍ତଗଣଙ୍କୁ ପ୍ରସାଦ ଭୋଗ ବଂଟନ କରାଯାଉଛି । ଅନ୍ୟପକ୍ଷେ ଜଳ ଯୋଗାଣ ବିଭାଗ, ଡ୍ରାଇଭର ସଂଘ, ମିସ୍ତ୍ରୀ ସଂଘ ଓ ମୋଟର ସାଇକେଲ ଗ୍ୟାରେଜ ହାର୍ଡ ୱେର ଦୋକାନ ଆଦିରେ ହର୍ଷ ଉଲ୍ଲାସ ସହ ପବିତ୍ର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି । ଶନିବାର ବିସର୍ଜନ କାର୍ଯ୍ୟକ୍ରମ ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି ଯନ୍ତ୍ରୀ ସୁଜିତ୍ କୁମାର ପୁଷ୍ଟି ।

ମା' ଶିଖରଚଣ୍ଡୀ ଭେଣ୍ଡିଙ୍ଗ ଜୋନ୍ ବଜାର କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର,୧୭/୦୯ (ଆ.ପ୍ର) : ମା' ଶିଖରଚଣ୍ଡୀ ଭେଣ୍ଡିଙ୍ଗ ଜୋନ୍ ବଜାର କମିଟି ପକ୍ଷରୁ ୩୮ ତମ ଗଣେଶ ପୂଜା ମହାଆଡମ୍ବରରେ ପାଳନ କରାଯାଉଛି । ଗଣେଶ ଚତୁର୍ଥୀ ଦିନ ବିଘ୍ନବିନାଶକ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ଯଥାବିଧି ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ଆକର୍ଷଣୀୟ ତୋରଣ ସାଙ୍ଗକୁ ମୂର୍ତ୍ତି ଓ ମେଢ, ମନୋରମ ଆଲୋକ ସାଜସଜ୍ଜା ଦର୍ଶକମାନଙ୍କ ମନରେ ଉତ୍ସାହ ଭରି ଦେଇଥିଲା । ପ୍ରତିଦିନ ଶହ ଶହ ସଂଖ୍ୟାରେ ଦର୍ଶକଙ୍କ ଭିଡ ଜମୁଥିଲା । ଦର୍ଶକଙ୍କ ମନୋରଞ୍ଜନ ପାଇଁ ଭଜନ ସମାରୋହ ଠାରୁ ଆରମ୍ଭ କରି ଡାନ୍ସଡାନ୍ସ କାର୍ଯ୍ୟକ୍ରମ ଓ ହରିହାଟ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ଗୋଲକ ମହାପାତ୍ର, ତପୁ ମିଶ୍ର, ଅବସରପ୍ରାପ୍ତ ବିଚାରପତି ଜଗଜୀବନ ପାତ୍ର, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଯଶୋଧାରା ପ୍ରଧାନ, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ଅବସରରେ ପୂଜାପୂଜାକୁ ସଂସ୍କୃତିକୁ ସମ୍ମାନ ଜଣାଇ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସଭାପତି ଦେବାଶିଷ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମସ୍ତ ଅତିଥି, ଶୈଳଶ୍ରୀବିହାର ଅଂଚଳର ବରିଷ୍ଠ ମୁରବୀ, ସମସ୍ତ ସଂଘର କର୍ମକର୍ତ୍ତା, ଉଠା ଦୋକାନୀ ମହାସଂଘର କର୍ମକର୍ତ୍ତା, ସ୍ଥାନୀୟ ସାମ୍ବାଦିକ ଓ ସମାଜସେବୀମାନଙ୍କୁ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍ୟୋକ୍ତା ତଥା ସଂଘର ଉପଦେଷ୍ଟା ଇଂ ଦିଲ୍ଲୀପ କୁମାର ସାହୁ, ପ୍ରଶାନ୍ତ ରାଉତରାୟ, ବିଭୂତ ପାଣିଗ୍ରାହୀ, ଉପସଭାପତି ସୁକାନ୍ତ ପାତ୍ର, ସମ୍ପାଦକ ଚକ୍ରଧର ତ୍ରିପାଠୀ, ଧୀରେନ ଦାଶ, ପ୍ରଦୀପ ସ୍ୱାଇଁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ । ଆସନ୍ତା ରବିବାର ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହୋଇ ପାରମ୍ପରିକ ବାଦ୍ୟରେ ଶୈଳଶ୍ରୀବିହାର ପରିକ୍ରମା କରାଯାଇ କୁଆଖାଇ ନଦୀରେ ବିସର୍ଜନ କରାଯିବ ।

କୋରାପୁଟରେ 'ମା' ପାଇଁ ଗଛଟିଏ', ଏକାଠି ହେଲେ ଛାତ୍ରଛାତ୍ରୀ ଓ ବନକର୍ମଚାରୀ

କୋରାପୁଟ, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ କୋରାପୁଟ ବନଖଣ୍ଡ ପକ୍ଷରୁ 'ମା' ପାଇଁ ଗଛଟିଏ ୩.୦' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ବାର୍ତ୍ତା ନେଇ ସ୍ଥାନୀୟ କୋଟିକାତଙ୍ଗର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଏହି କାର୍ଯ୍ୟକ୍ରମ ହୋଇଥିଲା । କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ । କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ସମ୍ମାନିତ ଅତିଥି ଏବଂ କୋରାପୁଟ ବନଖଣ୍ଡ ଅଧିକାରୀ ସିଦ୍ଧାର୍ଥ ଜୈନ ଆୟୋଜକ ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଛପର ବନ ସୁରକ୍ଷା ସମିତିର ସଦସ୍ୟସଦସ୍ୟା, ବନଭାରତୀ ବିଦ୍ୟାପୀଠର ଛାତ୍ରଛାତ୍ରୀ ଏବଂ ବନଖଣ୍ଡର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରଜାତିର ମୋଟ ୭୬ଟି ଚାରା ରୋପଣ କରାଯାଇଥିଲା । କୋରାପୁଟ ବନାଂଚଳ ଅଧିକାରୀ ଏସ୍‌କେ ପାହାଡସିଂହ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

ଅବକାରୀ ସ୍କ୍ୱାଡ଼ ଚଢ଼ାଉ ୭ଲକ୍ଷ ଟଙ୍କାର ହିରୋଇନ ଜବତ ୧ଗିରଫ

ଟାଙ୍ଗୀ ଚୌଦ୍ୱାର, ୧୭/୦୯ (ଆ.ପ୍ର) : ଅବକାରି ଗୁଇନ୍ଦା ବିଭାଗ କେନ୍ଦ୍ରାଂଚଳର ସୁପେରିଟେଣ୍ଡେଂଟ ବିକାଶ କୁମାର ନାୟକଙ୍କ ତତ୍ତ୍ୱବଧାନରେ ଜଗତପୁର ଥାନା ଅନ୍ତର୍ଗତ ଭ କ୍ଷପିକଲ ଛକ ନିକଟ ଖରା ବ୍ରିଜ୍ ନିକଟରେ ଗାଡି ଚେକିଂ କରୁଥିବା ସମୟରେ ୭୯ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଛି । ଏହାର ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କା ହେବ ବୋଲି ଅବକାରି ତରଫରୁ କୁହାଯାଇଛି । ଏହି କେସରେ ଜଣେ ବ୍ୟକ୍ତି ରଞ୍ଜନ କୁମାର ସାହୁ ବୟସ ୩୬ବର୍ଷ, ଘର ଗୋପୀନାଥ ପୁର ବୋଲି ଜଣାପଡିଛି । ଏହି ଚଢ଼ାଉରେ ଅବକାରୀ ଇନସ୍ପେକଟର ଅବନୀ କୁମାର ମହାପାତ୍ର, ଦିପକ ସାହୁ, ପ୍ରକାଶ ଶତପଥି, ସୌରଜିତ ନାଥ ପ୍ରମୁଖ ସାମିଲ ଥିଲେ ।

ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ

ଗଣିଆ, ୧୭/୦୯ (ଆ.ପ୍ର) : ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି । ଗଣିଆ ବ୍ଲକ ପରିସର,ମୋଟର କର୍ମଚାରୀ ସଂଘ,ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ଗ୍ୟାରେଜ ତଥା ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକରେ ପୂଜା ପାଳିତ ହୋଇଥିବା ଜଣାପଡିଛି । ଗଣିଆ ବଜାରରେ ମୋଟର କର୍ମଚାରୀ ସଂଘ ତରଫରୁ ବିରାଟ ତୋରଣ ସାଙ୍ଗକୁ ଡିଜେ ସାଉଣ୍ଡ, ପୂଜା ମଣ୍ଡପରେ ସାଜସଜ୍ଜା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ମହାନଦୀରୁ ଜଳ ଆଣି ଘଟସ୍ଥାପନ କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ଗଣିଆ ବ୍ଲକ ପରିସରରେ ଚଳିତ ବର୍ଷ ବିଡ଼ିଓ ଲାବଣ୍ୟେନ୍ଦୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମା ପୂଜା ଧୁମ୍ ଧାମରେ ପାଳିତ ହୋଇଯାଇଛି । ଆଲୋକମାଳା ସହିତ ସାଜସଜ୍ଜା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ବ୍ଲକର ଲୋକପ୍ରତିନିଧିମାନଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି ପୂଜା ଉତ୍ସବକୁ ନିମନ୍ତ୍ରଣ କରାଯାଇଥିଲା । କନିଷ୍ଠ ଯନ୍ତ୍ରୀ ନେତ୍ର ରଞ୍ଜନ ମିଶ୍ର ଏହି ପୂଜା ଉତ୍ସବକୁ ପରିଚାଳନା କରିଥିଲେ । ସେହିପରି ଗଣିଆର ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦିନ ତମାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିବା ବେଳେ ରାତିରେ ଭଜନ, ରାମନାଟକ ତଥା ଡ୍ରାମା ପରିବେଷଣ ହୋଇଥିଲା ।

ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଜଗତସିଂହପୁର, ୧୭/୦୯ (ଆ.ପ୍ର) : ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ସୁସାହିତ୍ୟିକ ତଥା ଶିକ୍ଷାବିତ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପଳାଶୋଳ ଯୁଥ ହେଲପିଙ୍ଗ ହ୍ୟାଣ୍ଡ ଚାରିଟେବୁଲ ଟ୍ରଷ୍ଟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ପରିଷଦର ସଭାପତି ରମାରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଷଦର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି(କାଳିଆ ସାରେ) ଆସନ୍ତା ୩ ତାରିଖ ଶନିବାର ଅପରାହ୍ନ ୩ ଘଟିକା ସମୟରେ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିବାର ପ୍ରକାଶ କରିଥିଲେ । ଏହି ଅବସରରେ ପ୍ରଥମେ ସାହିତ୍ୟିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ମୃତିଚାରଣ ସଭା ଅନୁଷ୍ଠିତ ହେବ । ଏହି ଅବସରରେ ପ୍ରତିଭାଧର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । ଉକ୍ତ ବୈଠକରେ ଶିକ୍ଷାବିତ୍, ରାଜ୍ୟ ପୁରସ୍କାର ପ୍ରାପ୍ତ କୃତୀ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ବିଜନ ମହାପାତ୍ର, ଅରୁଣ କୁମାର ରାଉତରାୟ, ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସଫଳ କରିବା ପାଇଁ ନିଜ ନିଜର ମତାମତ ଦେଇଥିଲେ । ଶେଷରେ କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକର ପରିଚାଳନାରେ ପ୍ରଦୀପ୍ତ କୁମାର ବିଶ୍ୱାଳ ଓ ସୂର୍ଯ୍ୟସ୍ମିତ ମହାନ୍ତି ଓ ନାତି ନିତାଇ ସହଯୋଗ କରିଥିଲେ ।

ଜ୍ୟୋତିଲକ୍ଷ୍ମୀ ଫେଡେରେସନ ତରଫରୁ ସେବା ସଂକଳ୍ପ ଅଭିଯାନ ୨୦୨୬ ସେବା ସଂକଳ୍ପ ଅଭିଯାନରେ ଆଶୀର୍ବାଦ ଦୀପ

ବାସୁଦେବପୁର,୧୭/୦୯ (ଆ.ପ୍ର) : ଜନସେବା ହିଁ ସଂକଳ୍ପ ସେବା ହିଁ ସମର୍ପଣ ଆଉ ଏହି ସେବାର ସଂକଳ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆୟୋଜିତ ହୋଇଛି 'ସେବା ସଂକଳ୍ପ ଅଭିଯାନ' । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳନ ପାଇଁ ଆହ୍ୱାନ ଦେଇଥିଲେ । ସେହି ଆହ୍ୱାନକ୍ରମେ ବାସୁଦେବପୁର ବ୍ଲକ ନଶନ ଶକ୍ତି ଭବନରେ ଜ୍ୟୋତିଲକ୍ଷ୍ମୀ ଫେଡେରେସନ ପକ୍ଷରୁ ପାଳିତ ହୋଇଛି 'ଆଶୀର୍ବାଦ ଦୀପ' କାର୍ଯ୍ୟକ୍ରମ । ରଙ୍ଗୋଲିଠାରୁ କେକ୍ କାଟିବା, ସମୂହ ଦୀପ ପ୍ରଜ୍ୱଳନଠାରୁ ଭିନ୍ନକ୍ଷମଙ୍କୁ ଖାଦ୍ୟ ବଂଟନ- ସବୁଠି ଦେଖିବାକୁ ମିଳିଥିଲା ସେବାର ଭାବନା । ବାସୁଦେବପୁର ବ୍ଲକ ନଶନ ଶକ୍ତି ଭବନ ପରିବେଶ ଥିଲା ଉତ୍ସବମୁଖର । ସେବା ସଂକଳ୍ପ ଅଭିଯାନ ଅବସରରେ ଜ୍ୟୋତିଲକ୍ଷ୍ମୀ ଫେଡେରେସନ ପକ୍ଷରୁ ଆୟୋଜିତ ହୋଇଥିଲା 'ଆଶୀର୍ବାଦ ଦୀପ' କାର୍ଯ୍ୟକ୍ରମ । ପ୍ରଥମେ ଆକର୍ଷଣୀୟ ରଙ୍ଗୋଲିରେ ସଜିଥିଲା କାର୍ଯ୍ୟକ୍ରମସ୍ଥଳ । ତା' ପରେ କେକ୍ କାଟି ଉତ୍ସବ ପାଳନ କରିଥିଲେ ଉପସ୍ଥିତ ମହିଳାମାନେ । କିନ୍ତୁ ଏହି ଖୁସି କେବଳ ନିଜ ମଧ୍ୟରେ ନଥିଲା ଖୁସିକୁ ସମାଜ ସହ ବାଣ୍ଟିବା ଏବଂ ସେବା ମାଧ୍ୟମରେ ଏହି ଦିନକୁ ସ୍ମରଣୀୟ କରିବା ଥିଲା ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ଆଉ ତା' ପରେ ଜଳିଲା ଆଶୀର୍ବାଦ ଦୀପ । ଏକାଠି ହୋଇ ସମୂହ ଦୀପ ପ୍ରଜ୍ୱଳନ କରିଥିଲେ ସମସ୍ତେ । ଗୋଟିଏ ପରେ ଗୋଟିଏ ଦୀପର ଆଲୋକରେ ଉଜ୍ଜ୍ୱଳ ହୋଇଉଠିଲା ପରିବେଶ । ଦୀପର ଆଲୋକ ସାଙ୍ଗକୁ ଶୁଭେଚ୍ଛା, ସେବା, ସହଯୋଗ ଓ ମାନବିକତାର ବାର୍ତ୍ତା ମଧ୍ୟ ଦେଇଥିଲେ ଉପସ୍ଥିତ ମହିଳାମାନେ । ସେବାର ଏହି ସଂକଳ୍ପକୁ ଆହୁରି ମଜଭୁତ କରିବା ପାଇଁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଖାଦ୍ୟ ବଂଟନ କରାଯାଇଥିଲା । ଅନ୍ୟର ମୁହଁରେ ହସ ଫୁଟାଇବା ଅନ୍ୟର ଦୁଃଖରେ ସାଥୀ ହେବା ଆଉ ନିଜ ଖୁସିକୁ ଅନ୍ୟମାନଙ୍କ ସହ ବାଂଟିବ, ଏହି ଥିଲା କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା । କାର୍ଯ୍ୟକ୍ରମରେ ଜ୍ୟୋତିଲକ୍ଷ୍ମୀ ଫେଡେରେସନର ସଭାନେତ୍ରୀ ମମତା ସାହୁ, ସମ୍ପାଦିକା କୃଷ୍ଣା ମିଶ୍ରଙ୍କ ସମେତ ଫେଡେରେସନର ବହୁ ସଦସ୍ୟ ଉପସ୍ଥିତ ଥିଲେ । ସମସ୍ତେ ଏକାଠି ସେବା ଓ ସହଯୋଗରେ ଏହି ସଂକଳ୍ପକୁ ଆଗକୁ ନେବା ସହ ସମାଜର ଆବଶ୍ୟକତା ଥିବା ଲୋକଙ୍କ ପାଖରେ ଠିଆ ହେବାକୁ ଆହ୍ୱାନ ଦେଇଥିଲେ । ଗୋଟିଏ ଦୀପରୁ ଆଉ ଏକ ଦୀପ ଜଳେ ଆଉ ଅନେକ ଦୀପ ଏକାଠି ହେଲେ ସୃଷ୍ଟି ହୁଏ ଆଲୋକର ଏକ ନୂଆ ପରିବେଶ ବାସୁଦେବପୁରର ଏହି 'ଆଶୀର୍ବାଦ ଦୀପ' କାର୍ଯ୍ୟକ୍ରମ ମଧ୍ୟ ସେବା, ସହଯୋଗ ଓ ମାନବିକତାର ସେହି ଆଲୋକକୁ ଆହୁରି ଉଜ୍ଜ୍ୱଳ କରିଛି । ଉତ୍ସବ ଆସେ ଉତ୍ସବ ଚାଲିଯାଏ । କିନ୍ତୁ ଉତ୍ସବର ଖୁସି ଯେତେବେଳେ ଅନ୍ୟର ମୁହଁରେ ହସ ହୋଇ ଫୁଟେ, ସେତେବେଳେ ସେହି ଉତ୍ସବ ହୋଇଯାଏ ଚିରସ୍ମରଣୀୟ । ସେବା ସଂକଳ୍ପ ଅଭିଯାନର ଏହି 'ଆଶୀର୍ବାଦ ଦୀପ' ଦେଇଗଲା ଗୋଟିଏ ସରଳ ସନ୍ଦେଶ- ସେବାରେ ରହୁ ସଂକଳ୍ପ ସଂକଳ୍ପରେ ରହୁ ମାନବିକତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନ ସୁଖ ମୟ ହେଉ ଓ ଭାରତକୁ ଆହୁରି ଆଗକୁ ନେଇ ଯାଆନ୍ତୁ ଏହି ଆଶୀର୍ବାଦର ବାର୍ତ୍ତା ଦେଲେ ମହିଳାମାନେ ।

ସେଇଠୁ **ଆରମ୍ଭ**
SEITHO ARAMBHA

ଶୁକ୍ରବାର, ୧୮ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ମୁଖ୍ୟ ଚୟନକର୍ତ୍ତାରୁ ଅଜିତ ଅଗରକର ଆଉଟ୍

ନୂଆଦିଲ୍ଲୀ, ୧୭/୯(ନ୍ୟୁ.ଏ): ଚଳିତ ମାସରେ ଶେଷ ହେବାକୁ ଯାଉଛି ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ । ସେ ୨୦୨୭ ଦିନିକିଆ ବିଶ୍ୱକପ ଯାଏ ଏହି ପଦରେ ରହିବାକୁ ଚାହୁଁଛନ୍ତି । ହେଲେ ବିସିସିଆଇ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ସପକ୍ଷରେ ନାହିଁ । ଅଜିତ ଅଗରକରଙ୍କୁ ମୁଖ୍ୟ ଚୟନକର୍ତ୍ତା ପଦରୁ ହଟାଇବାକୁ ବିସିସିଆଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇ ସାରିଛି । ଅଜିତ ଅଗରକର ବିଦାୟ ନେବାକୁ ଯାଉଥିବା ବେଳେ ଏବେ ମୁଖ୍ୟ ଚୟନକର୍ତ୍ତା ହେବା ଦୌଡ଼ରେ ଦୁଇ ଜଣ ଭେଟେରାନ ଖେଳାଳିଙ୍କ ନାଁ ସାମିଲ ହୋଇଛି । ସେମାନେ ହେଲେ- ପୂର୍ବତନ ଭାରତୀୟ କ୍ରିକେଟର ପାର୍ଥିବ ପଟେଲ ଓ ପ୍ରଜ୍ଞାନ ଓଝା । ଆସନ୍ତାକାଲି ଅର୍ଥାତ ଶୁକ୍ରବାର ବିସିସିଆଇର ବାର୍ଷିକ ସାଧାରଣ ପରିଷଦ ମିଟିଂ ଅନୁଷ୍ଠିତ ହେବ । ଏହି ସମୟରେ ଅଗରକରଙ୍କ ଭବିଷ୍ୟତ ଉପରେ ନିଷ୍ପତ୍ତି ନିଆଯିବ । ସୂତ୍ର ଅନୁସାରେ, ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି ନ କରିବାକୁ ବିସିସିଆଇ ଏଜିଏମ ପୂର୍ବରୁ ହିଁ ଏକମତ ହୋଇ ସାରିଛି । ସେହିପରି ଅଗରକର ବୁଧବାର ତାଙ୍କ କାର୍ଯ୍ୟକାଳର ଶେଷ ଚୟନକର୍ତ୍ତା ଟିମର ଅଧ୍ୟକ୍ଷତା କରି ସାରିଛନ୍ତି । ବୁଧବାର ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ, ଟି-୨୦ ଓ ରଣଜୀ ଟ୍ରଫିର ସ୍କ୍ୱାଡ ଘୋଷଣା କରିବା ବେଳେ ଏହାର ଅଧ୍ୟକ୍ଷତା ଅଗରକର କରିଥିଲେ । ଅଗରକର ବିଦାୟ ନେବାକୁ ଯାଉଥିବା ପୂର୍ବତନ ଓ୍ୱିକେଟ କିପର ପାର୍ଥିବ ପଟେଲ ଓ ପୂର୍ବତନ ସ୍ପିନର ପ୍ରଜ୍ଞାନ ଓଝା ମୁଖ୍ୟ ଚୟନକର୍ତ୍ତା ହେବା ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି । ଉଭୟ ପାର୍ଥିବ ଓ ପ୍ରଜ୍ଞାନ ୩ଥର ନିଜ ନିଜ ଟିମ ପାଇଁ ଆଇପିଏଲ ଟ୍ରଫି ଜିତିଛନ୍ତି । ସେହିପରି ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟିରେ ମଧ୍ୟ ପ୍ରଜ୍ଞାନ ଓଝା ରହିଛନ୍ତି । ଜାତୀୟ ଚୟନ କମିଟିର ସଦସ୍ୟ ଭାବେ ପ୍ରଜ୍ଞାନ ଓଝା ଦେଶର ବିଭିନ୍ନ ପ୍ରାନ୍ତକୁ ଯାଇ ଘରୋଇ କ୍ରିକେଟର ଉଦୀୟମାନ ଖେଳାଳିଙ୍କ ଉପରେ ନଜର ରଖିବାର ଅନେକ ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି । ତେଣୁ ଅଗରକରଙ୍କ ପରେ ପ୍ରଜ୍ଞାନ ଓଝା କିମ୍ବା ପାର୍ଥିବ ପଟେଲ ମୁଖ୍ୟ ଚୟନକର୍ତ୍ତା ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

ବିନା ବଲ୍‌ରେ ଶେଷ ହେଲା ଚାଇନାର ଏସିଆନ ଗେମ୍ସ କ୍ରିକେଟ ଅଭିଯାନ

ନୂଆଦିଲ୍ଲୀ, ୧୭/୯(ନ୍ୟୁ.ଏ): ଏସିଆନ ଗେମ୍ସ ୨୦୨୬ର ପ୍ରଥମ ଦିନରେ ଚାଇନାକୁ ଶକ୍ତ ଝଟକା । ଦେଶର ମହିଳା କ୍ରିକେଟ ଟିମ ଗୋଟିଏ ବି ବଲ୍ ସାମ୍ନା କରି ନ ପାରି ନିଜର ଏସିଆ ଗେମ୍ସ ଅଭିଯାନ ଶେଷ କରିଛି । ଆଜି ଚାଇନିଜ ମହିଳା କ୍ରିକେଟର ଟିମର ମୁକାବିଲା ବାଂଲାଦେଶ ସହ ଥିଲା । ବାଂଲାଦେଶ ପଡ଼ିଆକୁ ନ ଓହ୍ଲାଇ ଏସିଆନ ଗେମ୍ସ ସେମି ଫାଇନାଲରେ ପ୍ରବେଶ କରିଛି । ଜାପାନର କାରୋଗି ସ୍ପୋର୍ଟସ ପାର୍କରେ ଆଜି ବାଂଲାଦେଶ ଓ ଚାଇନା ମହିଳା କ୍ରିକେଟ ଟିମ ମଧ୍ୟରେ କ୍ୱାର୍ଟର ଫାଇନାଲ ମୁକାବିଲା ହେବାର ଥିଲା । କିନ୍ତୁ ଓଦା ଆଉଟ ଫିଲ୍ଡ ଯୋଗୁ ଟସ୍ ପଡ଼ି ପାରି ନଥିଲା । ଶେଷରେ ପଡ଼ିଆ ଯାଂଚ କରି ମ୍ୟାଚକୁ ଅମ୍ପାୟାର ବାତିଲ କରି ଦେଇଛନ୍ତି । ଏହାପରେ ବାଂଲାଦେଶ ମହିଳା କ୍ରିକେଟ ଟିମ୍ ଉଚ୍ଚ ଆଇସିସି ରାଙ୍କିଙ୍ଗ ଆଧାରରେ ସେମି ଫାଇନାଲରେ ପ୍ରବେଶ କରିଛି । ବାଂଲାଦେଶ ଏବେ ରାଙ୍କିଙ୍ଗର ୧୦ ନମ୍ବରରେ ଥିବା ବେଳେ ଚାଇନାର ସ୍ଥାନ ୩୬ । ମ୍ୟାଚ ବାତିଲ ହେବାରୁ ଚାଇନିଜ ଟିମ ପଡ଼ିଆକୁ ମଧ୍ୟ ଓହ୍ଲାଇବାକୁ ସୁଯୋଗ ପାଇ ନଥିଲା । ଶେଷରେ ଦଳର ଏସିଆନ ଗେମ୍ସ କ୍ରିକେଟ ଅଭିଯାନ ମଧ୍ୟ ଶେଷ ହୋଇଥିଲା । ବାଂଲାଦେଶ ସେମିରେ ପ୍ରବେଶ କରିଥିବା ବେଳେ ଶୁକ୍ରବାର ଭାରତ ଓ ଜାପାନ ମୁହାଁମୁହିଁ ହେବେ । ଏହି ମ୍ୟାଚ୍ ଜିତିବାକୁ ଥିବା ଦଳ ବାଂଲାଦେଶ ସହ ସେପ୍ଟେମ୍ବର ୨୦ରେ ସେମି ଫାଇନାଲରେ ଲଢ଼େଇ କରିବ । ଅନ୍ୟପକ୍ଷରେ ପାକିସ୍ତାନ ମଧ୍ୟ ବହୁତ କଷ୍ଟରେ ଥାଇଲ୍ୟାଣ୍ଡକୁ ହରାଇ ସେମିରେ ନିଜ ସ୍ଥାନ ସୁରକ୍ଷିତ କରିଛି । ଓଦା ଆଉଟ ଫିଲ୍ଡ ଯୋଗୁ ମ୍ୟାଚ୍‌ର ଓଭରରେ କାଟଛାଂଟ କରାଯାଇଥିଲା । ମ୍ୟାଚ୍ ୧୧ ଓଭର ବିଶିଷ୍ଟ ହୋଇଥିଲା । ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିଥିଲେ ହେଁ ଥାଇଲ୍ୟାଣ୍ଡ ଭଳି ଦୁର୍ବଳ ଦଳ ୪ ଓ୍ୱିକେଟ ହରାଇ ୯୧ ରନ କରି ନେଇଥିଲା । ୩ ନମ୍ବରରେ ବ୍ୟାଟିଂ କରିଥିବା ନାନ୍ନାପଟ ୪୯ ବଲରେ ୭ ଚୌକା ସହ ୩୮ ରନ କରିଥିଲେ । ଏହାର ଜବାବରେ ପାକିସ୍ତାନ ନିୟମିତ ଓ୍ୱିକେଟ ହରାଇଥିଲା । ଶାୱାଲ ଜୁଲଫିକରଙ୍କ ୨୫ ରନ ଓ ଅଧିନାୟକ ଫାତିମା ସାନାଙ୍କ ୨୧ ରନ ବଳରେ ପାକିସ୍ତାନ ଶେଷରେ ଧାର୍ଯ୍ୟ ଟାର୍ଗେଟକୁ ଛୁଇଁ ପାରିଥିଲା । ପାକିସ୍ତାନ ୯୨ ରନର ଟାର୍ଗେଟକୁ ପିଛା କରିବା ବେଳେ ୭ଟି ଓ୍ୱିକେଟ ମଧ୍ୟ ହରାଇଥିଲା । ଗୋଟିଏ ସମୟରେ ପାକିସ୍ତାନ ମ୍ୟାଚ୍ ହାରିବା ସ୍ଥିତିରେ ରହିଥିଲେ ହେଁ ଶେଷରେ ଜିତିବାକୁ ସକ୍ଷମ ହୋଇଛି । ତଳ ୨୦ ତାରିଖରେ ଶ୍ରୀଲଙ୍କା କିମ୍ବା ମାଲେସିଆ ମଧ୍ୟରୁ ଜଣଙ୍କୁ ଭେଟିପାରେ । ଶୁକ୍ରବାର ଶ୍ରୀଲଙ୍କାର ମୁକାବିଲା ମାଲେସିଆ ସହ ରହିଛି । ଏହି ମ୍ୟାଚର ବିଜେତା ସହ ପାକିସ୍ତାନ ସେମି ଫାଇନାଲ ମ୍ୟାଚ୍ ଖେଳିବ ।

ବେଆଇନ କ୍ରିକେଟ ବେଟିଂରେ ମାତିଥିଲେ ପାକିସ୍ତାନ ମହମ୍ମଦ ରିଜୱାନ

ନୂଆଦିଲ୍ଲୀ, ୧୭/୯(ନ୍ୟୁ.ଏ): ପାକିସ୍ତାନ କ୍ରିକେଟର ମହମ୍ମଦ ରିଜୱାନଙ୍କ ସମ୍ପର୍କରେ ଆସିଛି ସାଂଘାତିକ ତଥ୍ୟ । ଦେଶ ପାଇଁ ପ୍ରତିନିଧିତ୍ୱ କରୁଥିବା ମହମ୍ମଦ ରିଜୱାନଙ୍କୁ ଘାରିଥିଲା ବଡ଼ ଲୋକ ହେବାର ନିଶା । ଏହି ନିଶାରେ ସେ ଏତେ ମାତ୍ରେ ବୁଡ଼ି ଯାଇଥିଲେ ଯେ ପଡ଼ିଆରେ ପାକିସ୍ତାନ ପାଇଁ କ୍ରିକେଟ ଖେଳରେ ତାଙ୍କର ମନ ଲାଗୁ ନଥିଲା । ପଡ଼ିଆରେ କ୍ରିକେଟ ଖେଳିବା ବଦଳରେ ରାତାରାତି କେମିତି ଟଙ୍କା କମାଇବେ, ସେହି ଚିନ୍ତା ରିଜୱାନ କରୁଥିଲେ । ଏଥିପାଇଁ ସେ ବେଆଇନ କ୍ରିକେଟ ବେଟିଂ ଓ ଜୁଆ ଖେଳରେ ମାତିଥିଲେ । ଖୋଦ ପାକିସ୍ତାନର ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସି ଜାଣିବାକୁ ପାଇଛି । ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଅଧାରୁ ପାକିସ୍ତାନ ସ୍କ୍ୱାଡରୁ ତଡ଼ା ଖାଇଥିବା ରିଜୱାନ ଓ ଅନ୍ୟତମ ବ୍ୟାଟର ଇମାମ ଉଲ ହକ ସମ୍ଭାବ୍ୟ ମ୍ୟାଚ ଫିକ୍ସିଂ ଘଟଣାରେ ଫସିଛନ୍ତି । ଏଥିପାଇଁ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯାଇଛି । ତଦନ୍ତ ସମୟରେ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି ଉଭୟଙ୍କ ଫୋନ ଜବତ କରିଥିଲା । ଏହାପରେ ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସିକୁ ଦିଆଯାଇଥିଲା । ଯାଂଚ ବେଳେ ରିଜୱାନ ବେଆଇନ କ୍ରିକେଟ ବେଟିଂ ଓ ଜୁଆ ଖେଳରେ ଲିପ୍ତ ଥିବା ଏଜେନ୍ସି ଜାଣିବାକୁ ପାଇଛି । ଏହି ପ୍ରସଙ୍ଗରେ ରିଜୱାନଙ୍କୁ ମଧ୍ୟ ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଜେରା କରି ସାରିଛି । ଆଗକୁ ପୁଣି ଜେରା ଓ ଗିରଫଦାରୀ ଆଶଙ୍କା ଥିବାରୁ ରିଜୱାନ ଲାହୋର ହାଇକୋର୍ଟରେ ସୁରକ୍ଷା ପାଇଁ ଆବେଦନ କରିଥିଲେ । କିନ୍ତୁ ଏହାକୁ କୋର୍ଟ ଖାରଜ କରି ଦେଇଛନ୍ତି । ଏଥିସହ ମୁଖ୍ୟ ବିଚାରପତି ଜଷ୍ଟିସ ଆଲିଆ ନୀଲୁମ ତାଙ୍କୁ ତଦନ୍ତର ସାମ୍ନା କରିବାକୁ କହିଛନ୍ତି । ଇଂଲଣ୍ଡ ଟୁର ସମୟରେ ପାକିସ୍ତାନ କ୍ରିକେଟ ଦେଖାଯାଇଥିବା ବିବାଦ ପଛରେ ଥିବା କାରଣ ଏବେ ରିଜୱାନଙ୍କ ଆଇନଗତ ଲଢ଼େଇ ପରେ ପର୍ଦ୍ଦାଫାସ ହୋଇଛି । ପ୍ରଥମେ କୁହାଯାଉଥିଲା ଯେ ଡ୍ରେସିଂ ରୁମ ତଥ୍ୟ ଲିକ୍‌କୁ ନେଇ ବିବାଦ ଦେଖାଯାଇଛି । ହେଲେ ରିଜୱାନଙ୍କ କୋର୍ଟ ପିଟିସନରୁ ସ୍ପଷ୍ଟ ହୋଇଛି ଯେ ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସି ବା ଏନସିସିଆଇଏ ତାଙ୍କୁ ସିଧା ସଳଖ କ୍ରିକେଟ ସହ ଜଡ଼ିତ ଅନଲାଇନ ବେଟିଂ ଓ ଜୁଆ ଖେଳ ସହ ଯୋଡ଼ିଥିଲା । ରିଜୱାନ ସେପ୍ଟେମ୍ବର ୧୦ରେ ଏନସିସିଆଇଏ ନିକଟରେ ହାଜର ହୋଇଥିଲେ । ଏହି ସମୟରେ ତାଙ୍କୁ ଜୁଆ ଖେଳ ଓ ଟିମ ସହ ଜଡ଼ିତ ସମ୍ବେଦନଶୀଳ ତଥ୍ୟ ଲିକ ସମ୍ପର୍କରେ ପଚରା ଯାଇଥିଲା । ୩୪ ବର୍ଷୀୟ ରିଜୱାନ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ଭିତିହୀନ ବୋଲି କହିଥିଲେ । କେବଳ ତାଙ୍କୁ ହଇରାଣ କରିବା ଓ ଅପମାନିତ କରିବା ଉଦ୍ଦେଶ୍ୟରେ ଏପରି କରାଯାଉଥିବା ମଧ୍ୟ ସେ ପିଟିସନରେ ଉଲ୍ଲେଖ କରିଛନ୍ତି ।

ଟାଟାରେ ଚନ୍ଦ୍ରଶେଖରନଙ୍କୁ ଆଉ ୫ ବର୍ଷ ନିଯୁକ୍ତି

ମୁମ୍ବାଇ, ୧୭/୯(ନ୍ୟୁ.ଏ): ତୃତୀୟ ପାଳିକୁ ଅପେକ୍ଷା ବହୁଦିନ ଅପେକ୍ଷା କରି ନିକଟରେ ଇସ୍ତଫା ଦେଇଥିବା ଏନ ଚନ୍ଦ୍ରଶେଖରନଙ୍କୁ ଟାଟା ସନ୍ସ ପକ୍ଷରୁ ଅଧ୍ୟକ୍ଷ ଭାବେ ପୁନଃନିଯୁକ୍ତି ଦିଆଯାଇଛି । ଷ୍ଟକ୍ ବଜାରରେ ପ୍ରବେଶ କରିବାକୁ ଟାଟା ଉପରେ ଚାପ ପଡୁଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ନିଷ୍ପତ୍ତି ନିଆଯାଇଛି । ଗୁରୁବାର ଟାଟା ସନ୍ସର ବୋର୍ଡ ବୈଠକରେ ଚନ୍ଦ୍ରଶେଖରନଙ୍କ ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । ୨୦୧୭ ପରଠାରୁ ଟାଟା ସନ୍ସର ଅଧ୍ୟକ୍ଷ ଭାବେ ସେ କାର୍ଯ୍ୟ କରୁଛନ୍ତି । ସାଇରସ ମିସ୍ତ୍ରୀଙ୍କୁ ଏକ ବିବାଦୀୟ ପରିସ୍ଥିତିରେ ପଦରୁ ହଟାଇବା ପରେ ଟାଟା ପରିବାର ବାହାରର ଜଣେ ବ୍ୟକ୍ତି ଭାବେ ଚନ୍ଦ୍ରଶେଖରନଙ୍କୁ ଅଧ୍ୟକ୍ଷ କରାଯାଇଥିଲା । ପ୍ରଥମ ପାଳିକୁ ସଫଳତାର ସହ ଶେଷ କରିବା ପରେ ତାଙ୍କୁ ଦ୍ୱିତୀୟ ପାଳି ସୁଯୋଗ ଦିଆଯାଇଥିଲା । ସେହି କାର୍ଯ୍ୟକାଳ ଆସନ୍ତା ବର୍ଷ ଫେବ୍ରୁଆରି ୨୦ରେ ଶେଷ ହେବାର ଥିଲା । ରତନ ଟାଟାଙ୍କ ଦେହାନ୍ତ ପରେ ଟାଟା ସନ୍ସ ଦାୟିତ୍ୱ ତାଙ୍କ ସାବତ ଭାଇ ନୋଏଲ ଟାଟା ନେଇଛନ୍ତି । ସେ ଚନ୍ଦ୍ରଶେଖରନଙ୍କ କାମ ଉପରେ ଏତେଟା ସନ୍ତୁଷ୍ଟ ନଥିଲେ । ବିଶେଷ କରି ଏୟାର ଇଣ୍ଡିଆ, ଜାଗୁଆର ଲ୍ୟାଣ୍ଡରୋଭର ଓ ଆଉ କିଛି ବ୍ୟବସାୟରେ ହେଉଥିବା କ୍ଷତିରେ ସେ ଜବାବ ଚାହୁଁଥିଲେ । ସେଥିପାଇଁ ଚନ୍ଦ୍ରଶେଖରନଙ୍କ ତୃତୀୟ ପାଳି ନିଯୁକ୍ତିକୁ ସେ ଅଟକାଇ ଦେଇଥିବା ଆଲୋଚନା ହେଉଥିଲା । ପରିବର୍ତ୍ତିତ ପରିସ୍ଥିତିରେ ତାଙ୍କୁ ପୁଣି ଏକ ସୁଯୋଗ ଦେବାକୁ ଟାଟା ସନ୍ସ ବୋର୍ଡ ନିଷ୍ପତ୍ତି ନେଇଛି । ତାମିଲନାଡୁରେ ଜନ୍ମିତ ଚନ୍ଦ୍ରଶେଖରନ ୧୯୮୭ରେ ଟାଟାର ସଫ୍ଟୱେର କମ୍ପାନି ଟିସିଏସ୍‌ରେ ଯୋଗଦେଇ ୨୦୦୯ ସୁଦ୍ଧା ସିଇଓ ହୋଇଥିଲେ । ବୃହତ ବ୍ୟବସାୟ ସାମ୍ରାଜ୍ୟ ପରିଚାଳନା କରିବାରେ ତାଙ୍କ ଦକ୍ଷତା ଓ ରତନ ଟାଟାଙ୍କ ଭରସା ପାଇଁ ସେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଥିଲେ । ତାଙ୍କ ଅମଳରେ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ ଅଧିଗ୍ରହଣ କରିଥିଲା ।

ନିର୍ବନ୍ଧର ୬ ମାସ ପରେ ଭାଙ୍ଗିଗଲା ପୃଥ୍ୱୀ ଶ'ଙ୍କ ବାହାଘର

ନୂଆଦିଲ୍ଲୀ, ୧୭/୯(ନ୍ୟୁ.ଏ): ଭାରତୀୟ ଟିମରେ ସ୍ଥାନ ପାଇବାକୁ ସଂଘର୍ଷ କରୁଥିବା ପୃଥ୍ୱୀ ଶ'ଙ୍କ ବ୍ୟକ୍ତିଗତ ଜୀବନରେ ଆସିଛି ଝଡ଼ । ୬ ମାସ ତଳେ ବେଶ ଧୂମଧାମରେ ନିର୍ବନ୍ଧ କରିଥିବା ପୃଥ୍ୱୀ ଶ'ଙ୍କ ବାହାଘର ଏବେ ଭାଙ୍ଗି ଯାଇଛି । ପୃଥ୍ୱୀ ଶ ଓ ଆକୃତି ଅଗ୍ରୱାଲ ଆଜି ଠାରୁ ବିଧିବଦ୍ଧ ଭାବେ ଅଲଗା ହୋଇ ଯାଇଛନ୍ତି । ସୋଶାଲ ମିଡିଆରେ ଆକୃତି ନିଜେ ଏ ସମ୍ପର୍କରେ ସୂଚନା ଦେବା ସହ ପୃଥ୍ୱୀ ଓ ସେ କାହିଁକି ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି, ତା'ର ଖୁଲାସା କରିଛନ୍ତି । ଆକୃତି ହେଉଛନ୍ତି ଜଣେ ସୋଶାଲ ମିଡିଆ ବ୍ୟକ୍ତିବିଶେଷ ଓ ଅଭିନେତ୍ରୀ । ପ୍ରାୟ ୬ ମାସ ତଳେ ପୃଥ୍ୱୀ ଓ ସେ ନିର୍ବନ୍ଧ କରିଥିଲେ । ଖୁବଶୀଘ୍ର ଉଭୟ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି କହିଥିଲେ । କିନ୍ତୁ ଏବେ ସେ ଓ ପୃଥ୍ୱୀ ଶ' ଆପୋଷ ଆଲୋଚନା ମାଧ୍ୟମରେ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିବା ଆକୃତି କହିଛନ୍ତି । ନିଜ ଇନଷ୍ଟାଗ୍ରାମରେ ଆକୃତି ଲେଖିଛନ୍ତି ଯେ "ବେଶ ଦୁଃଖର ସହ ମୁଁ ଜଣାଇବାକୁ ଚାହୁଁଛି ଯେ ମୁଁ ଓ ମୋ ଭାବୀ ସ୍ୱାମୀ ପରସ୍ପର ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଉଛୁ । ଆମ ଦୁଇ ଜଣଙ୍କ ମଧ୍ୟରେ ଭବିଷ୍ୟତକୁ ନେଇ ଭିନ୍ନ ଲକ୍ଷ୍ୟ ଓ ପରିସ୍ଥିତି ଥିବାରୁ ଆମେ ଅଲଗା ହେବାକୁ ଯାଉଛୁ । ଆମେ ସାମ୍ନା କରୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ପରସ୍ପର ସହମତିରେ ଆମେ ନିଜ ନିଜ ପଥରେ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଉଛୁ । ଆଗକୁ ବଢ଼ିବା ସମୟରେ ଆମ ଦୁହିଁଙ୍କ ପାଇଁ ମୁଁ ହୃଦୟରୁ କେବଳ ଶୁଭକାମନା, ଶାନ୍ତି ଓ ସୁଖ କାମନା କରୁଛି । ଏହି କଠିନ ସମୟରେ ସମସ୍ତେ ଆମର ବ୍ୟକ୍ତିଗତ ଗୋପନୀୟତାକୁ ସମ୍ମାନ କରନ୍ତୁ । ଆମର ନିଷ୍ପତ୍ତିର କାରଣକୁ ନେଇ କୌଣସି ପ୍ରକାରର ଅନୁମାନ କରିବାରୁ ଦୂରେଇ ରୁହନ୍ତୁ । ପରିସ୍ଥିତିକୁ ବୁଝିବା ସହ ଆମକୁ ସମ୍ମାନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ।" ପୃଥ୍ୱୀ ଶ' ଓ ଆକୃତି ମାର୍ଚ୍ଚ ୮ରେ ନିଜର ନିର୍ବନ୍ଧ ସମ୍ପର୍କରେ ଘୋଷଣା କରିଥିଲେ । ନିର୍ବନ୍ଧ ବେଳେ ଦୁହେଁ ଉଠାଇଥିବା ରୋମାଂଟିକ ଅନ୍ଦାଜର ଫଟୋକୁ ମଧ୍ୟ ଉଭୟ ଶେୟାର କରିଥିଲେ । ଦୀର୍ଘ ସମୟ ଧରି ପୃଥ୍ୱୀ ଓ ଆକୃତିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଚାଲିଥିଲା । ଅନେକ ସ୍ଥାନରେ ତାଙ୍କୁ ପୃଥ୍ୱୀଙ୍କ ସହ ଦେଖିବାକୁ ମିଳିଥିଲା । ୨୦୧୮ ଅଣ୍ଡର ୧୯ ଭାରତୀୟ ଟିମ ବିଶ୍ୱକପ ଜିତିଥିଲା । ଏହି ଟିମର କ୍ୟାପଟେନ ଥିଲେ ପୃଥ୍ୱୀ । ଏହାପରେ ଅନୁଷ୍ଠିତ ଆଇପିଏଲରେ ଶ'ଙ୍କୁ ଦିଲ୍ଲୀ ୧.୨ କୋଟି ଟଙ୍କାରେ କିଣିଥିଲା । ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ କିଣିବା ପରେ ବାରମ୍ବାର ସୁଯୋଗ ଦେଇ ଚାଲିଥିଲା । ୭ଟି ସିଜିନରେ ସେ ୭୯ଟି ମ୍ୟାଚ୍ ଖେଳି ୧୮୯୨ ରନ କରିଛନ୍ତି । ତାଙ୍କ ବ୍ୟାଟିଂ ହାର ୨୩.୫ ରହିଥିବା ବେଳେ ସେ ୧୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ୨୦୨୫ ମେଗ ଅକ୍ସନ ପୂର୍ବରୁ ଶ'ଙ୍କୁ ରିଲିଜ କରିବା ସହ ତାଙ୍କୁ ସେହି ବର୍ଷ ଦିଲ୍ଲୀ ଆଉ କିଣି ନଥିଲା । ନିଜର ଫିଟନେସ ଓ ବ୍ୟବହାରକୁ ନେଇ ତାଙ୍କୁ ଅନେକ କିଛି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପୁଣି ସବୁ କିଛି ମୂଳରୁ ଆରମ୍ଭ କରିବାକୁ ଶ' ନିଷ୍ପତ୍ତି ନେବା ସହ ମୁମ୍ବାଇ ଟିମ ଛାଡ଼ି ଦେଇଥିଲେ । ସେ ମହାରାଷ୍ଟ୍ରରୁ ନିଜର ଘରୋଇ ଅଭିଯାନକୁ ଆରମ୍ଭ କରିଛନ୍ତି । ରଣଜୀ ଟ୍ରଫିରେ ସେ ଠିକଠାକ ପ୍ରଦର୍ଶନ କରିଥିଲେ ହେଁ ସୟଦ ମୁଷ୍ଟାକ ଅଲୀ ଟ୍ରଫିରେ ସେତେଟା ପ୍ରଭାବ ଛାଡ଼ି ପାରି ନାହାନ୍ତି । ଆଇପିଏଲ ୨୦୨୬ ଅକ୍ସନର ଶେଷ ଦ୍ୱିତୀୟ ଖେଳାଳି ଭାବେ ଦିଲ୍ଲୀ କ୍ୟାପିଟାଲ୍ସ ଶ'ଙ୍କୁ କିଣିଥିଲା । ତଥାପି ସେ ଗୋଟିଏ ବି ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇ ନଥିଲେ । ଗୋଟିଏ ପଟେ କ୍ରିକେଟ କ୍ୟାରିୟର ଅନିଶ୍ଚିତତା ମଧ୍ୟରେ ଥିବା ବେଳେ ଏବେ ଶ'ଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବିବାଦ ଦେଖାଯାଇଛି ।

ରୁଷ ତେଲ କିଣା ସହ ସାଲିସ କରିବନି ଭାରତ

ନୂଆଦିଲ୍ଲୀ, ୧୭/୯(ନ୍ୟୁ.ଏ): ରୁଷରୁ ଅଶୋଧିତ ତେଲ କିଣିବା ପ୍ରସଙ୍ଗରେ ଭାରତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଆମେରିକାର ଚାପ ଆଗରେ ମୁଣ୍ଡ ନ ନୁଆଁଇ ଭାରତ ନିଜ ଶକ୍ତି ସୁରକ୍ଷା ଓ ଆର୍ଥିକ ସ୍ୱାର୍ଥକୁ ଗୁରୁତ୍ୱ ଦେବ । ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇବାର କ୍ଷମତା ଆମେରିକା ରାଷ୍ଟ୍ରପତିଙ୍କୁ ଦେବା ପାଇଁ ଆମେରିକୀୟ କଂଗ୍ରେସ ରେ ଏକ ବିଲ୍ ପାରିତ ହୋଇଛି । ଏହା ଭାରତ ପାଇଁ ନୂଆ ଚାପ ସୃଷ୍ଟି କରିଛି । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଦେଶର ୧୪୦ କୋଟି ଲୋକଙ୍କ ପାଇଁ ସ୍ଥିର, ସୁଲଭ ଓ ନିରନ୍ତର ଶକ୍ତି ଯୋଗାଣ ନିଶ୍ଚିତ କରିବା ଭାରତର ପ୍ରାଥମିକତା । ଭାରତ ବିଭିନ୍ନ ଦେଶରୁ ତେଲ ଆମଦାନି କରୁଛି ଏବଂ ବଜାର ପରିସ୍ଥିତି ଓ ନିଜର ଶକ୍ତି ଆବଶ୍ୟକତା ଅନୁସାରେ ତେଲ କିଣିବା ନିଷ୍ପତ୍ତି ନେଉଛି । ୨୦୨୨ରେ ରୁଷ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ ଉପରେ ବିଭିନ୍ନ ପ୍ରତିବନ୍ଧକ ଲଗାଇଥିଲେ । ଏହା ପରେ ରୁଷ ତୁଳନାମୂଳକ କମ୍ ଦରରେ ଅଶୋଧିତ ତେଲ ବିକ୍ରି କରିବା ଆରମ୍ଭ କରିଥିଲା । ଭାରତୀୟ ରିଫାଇନାରିଗୁଡ଼ିକ ଏହାର ଫାଇଦା ନେଇ ରୁଷରୁ ଅଧିକ ତେଲ କିଣୁଛନ୍ତି । ୨୦୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୪୦.୮ ବିଲିୟନ ଡଲାରର ରୁଷ ତେଲ କିଣିଛି । ଏହା ଭାରତର ମୋଟ ଅଶୋଧିତ ତେଲ ଆମଦାନିର ପ୍ରାୟ ଏକ ତୃତୀୟାଂଶ । ଆମେରିକାର ହାଉସ୍ ଅଫ୍ ରିପ୍ରେଜେଂଟେଟିଭ୍ସ 'ଲିଣ୍ଡସେ ଓ ଗ୍ରାହମ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ ଆକ୍ଟ-୨୦୨୬' ପାରିତ କରିଛି । ଏହି ଆଇନ ଲାଗୁ ହେଲେ ରୁଷରୁ ବଡ଼ ପରିମାଣରେ ତେଲ ଓ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ୧୦୦% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇପାରିବ । ତେବେ ଭାରତ ଉପରେ ଏହି ୧୦୦% ଟାରିଫ୍ ଏବେଠାରୁ ଲାଗୁ ହୋଇନାହିଁ । ଏହି ଆଇନ ରାଷ୍ଟ୍ରପତିଙ୍କୁ ଏଭଳି ଶୁଳ୍କ ଲଗାଇବାର ଅଧିକାର ଦେବ । ଯଦି ଆମେରିକା ଭାରତ ଉପରେ ଏଭଳି ଅତିରିକ୍ତ ଶୁଳ୍କ ଲଗାଇବ ତେବେ ଆମେରିକା ବଜାରକୁ ଭାରତରୁ ଯାଉଥିବା ସାମଗ୍ରୀ ମହଙ୍ଗା ହୋଇଯିବ । ଏହାର ପ୍ରଭାବ ଭାରତୀୟ ରପ୍ତାନିକାରୀ ଓ ଦୁଇ ଦେଶର ବାଣିଜ୍ୟ ଉପରେ ପଡ଼ିବାର ଆଶଙ୍କା ରହିଛି । ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ମଧ୍ୟ ଏହି ପ୍ରସଙ୍ଗରେ ପ୍ରଭାବିତ ହେବା ଆଶଙ୍କା କରାଯାଉଛି । ଭାରତ ସ୍ପଷ୍ଟ କରିଛି ଯେ ନିଜର ବାଣିଜ୍ୟ ଓ ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ । ଏଥିସହ ଶକ୍ତି ଆବଶ୍ୟକତା ପୂରଣ ପାଇଁ ଭାରତ ବିଭିନ୍ନ ଉତ୍ସରୁ ତେଲ ଆଣିବା ଜାରି ରଖିବ । ଏହି ପ୍ରସଙ୍ଗରେ ଭାରତର ମୁଖ୍ୟ ଚିନ୍ତା ହେଉଛି ଦେଶର ଲୋକଙ୍କୁ ସୁଲଭ ଦରରେ ଶକ୍ତି ଯୋଗାଇବା ।

ମଣିପୁର ରିଲିଫ କ୍ୟାମ୍ପରେ ମୃତ୍ୟୁ ଓ ଯୌନ ନିର୍ଯ୍ୟାତନାକୁ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୭/୯(ନ୍ୟୁ.ଏ): ମଣିପୁର ହିଂସା ଯୋଗୁ ରିଲିଫ କ୍ୟାମ୍ପରେ ଥିବା ଲୋକଙ୍କ ମଧ୍ୟରୁ ଅନେକ ରହସ୍ୟଜନକ ଭାବେ ପ୍ରାଣ ହରାଇବାରେ ଲାଗିଛନ୍ତି । ସେହିପରି ରିଲିଫ କ୍ୟାମ୍ପରେ ଯୌନ ନିର୍ଯାତନା ମାମଲା ମଧ୍ୟ ବୃଦ୍ଧି ପାଉଛି । ଏହାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ । ସେହିପରି ରାଜ୍ୟ ସରକାରଙ୍କୁ ସମାଲୋଚନା କରି ମଣିପୁରର ମୁଖ୍ୟ ଶାସନ ସଚିବଙ୍କୁ ସମସ୍ତ ୨୫ ସନ୍ଦେହଜନକ ମୃତ୍ୟୁ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ମୃତ୍ୟୁର କାରଣ ସହ ଜଡ଼ିତ ଦସ୍ତାବିଜ ମଧ୍ୟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ କଡ଼ା ଭାଷାରେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୨୩ରେ ମଣିପୁରରେ ସଂଗଠିତ ଆଦୀବାସୀ ଓ ଅଣ ଆଦିବାସୀ ସଂଘର୍ଷ ସହ ଜଡ଼ିତ ଯୌନ ହିଂସା ଏବଂ ତଦନ୍ତ ଆବେଦନର ଶୁଣାଣି କରିଛନ୍ତି । ଏହି ସମୟରେ ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଗୀତା ମିତଲଙ୍କ ନେତୃତ୍ୱାଧୀନ କମିଟିର ଗୋଟିଏ ରିପୋର୍ଟକୁ ବିଚାରକୁ ନିଆଯାଇଛି । ହିଂସା ଯୋଗୁ ବିସ୍ଥାପିତ ହୋଇ ରିଲିଫ କ୍ୟାମ୍ପରେ ରହୁଥିବା ଲୋକଙ୍କ ସୁରକ୍ଷା ଓ ସମ୍ମାନକୁ ନେଇ କୋର୍ଟ ସାଂଘାତିକ ପ୍ରଶ୍ନ ଉଠାଇଛନ୍ତି । ରିଲିଫ କ୍ୟାମ୍ପରେ ଅସ୍ୱାଭାବିକ ଭାବେ ଘଟିଥିବା ୨୫ଟି ମୃତ୍ୟୁ ଘଟଣାରେ କମିଟି ଜୁଲାଇ ୪ରେ ମାଗିଥିବା ସୂଚନାକୁ ନେଇ ମଣିପୁରର ଆଡଭୋକେଟ ଜେନେରାଲଙ୍କୁ ଶୁଣାଣି ବେଳେ ଖଣ୍ଡପୀଠ ପ୍ରଶ୍ନବାଣରେ ଘାଇଲା କରିଛନ୍ତି । କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ରାଜ୍ୟ ସରକାରଙ୍କୁ କହିଛନ୍ତି ଯେ "କୋର୍ଟଙ୍କୁ କଡ଼ା ନିର୍ଦ୍ଦେଶ ପାରିତ କରିବା ପାଇଁ ବାଧ୍ୟ ନ କରିବାକୁ ଆପଣ ନିଜର ମୁଖ୍ୟ ସଚିବଙ୍କୁ କୁହନ୍ତୁ । କ'ଣ ସବୁ ପଦକ୍ଷେପ ନିଆଯାଇଛି ଆମକୁ ଜଣାନ୍ତୁ ।" ରିଲିଫ କ୍ୟାମ୍ପରେ ୨୫ ଜଣ ଅସ୍ୱାଭାବିକ ଢଙ୍ଗରେ ପ୍ରାଣ ହରାଇବା ଘଟଣାରେ ବିସ୍ତୃତ ତଥ୍ୟ ଦେବାକୁ ମଣିପୁର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ମଣିପୁରର ୮ଟି ଜିଲ୍ଲାରେ ଥିବା ରିଲିଫ କ୍ୟାମ୍ପରେ ମୋଟ ୬୪୦ ମୃତ୍ୟୁ ଘଟଣା ଘଟିଛି । ମୃତ୍ୟୁ ମାମଲାରେ ଅପରାଧିକ ମାମଲା ରୁଜୁ ହୋଇଥିବା ବେଳେ କେବଳ ୨୦ଟି ମୃତ୍ୟୁ ଘଟଣାରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । କାହିଁକି କେବଳ ୨୦ଟି ମାମଲାର ବ୍ୟବଚ୍ଛେଦ ହୋଇଛି ଓ କାହିଁକି ଅଧିକାଂଶ ମାମଲାରେ ୨୦ରୁ ୩୦ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଛି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି । ମଣିପୁର ଲିଗାଲ ସର୍ଭିସ ଅଥୋରିଟୀ ତତ୍କାଳ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇ ସୁପ୍ରିମକୋର୍ଟ ସମସ୍ତ ସନ୍ଦେହଜନକ ମୃତ୍ୟୁ ମାମଲାରେ ଏଫଆଇଆର ରୁଜୁ ସୁନିଶ୍ଚିତ କରିବାକୁ କହିଛନ୍ତି । ଏଫଆଇଆର ରୁଜୁ କରି ମୃତ୍ୟୁର କାରଣ ଜାଣିବା ପାଇଁ ଆବଶ୍ୟକ ତଦନ୍ତ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ବେଳେ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କୋର୍ଟଙ୍କ ଅବଗତ କରାଇଛନ୍ତି ଯେ ୮ଟି ଜିଲ୍ଲାରେ ମୋଟ ୪୨ ସ୍ପେଶାଲ ଇନଭେଷ୍ଟିଗେସନ ଟିମ (ଏସ୍ଆଇଟି) ଗଠନ ହୋଇଛି । ମୋଟ ୩୦୨୦ଟି ମାମଲାର ତଦନ୍ତ ଚାଲିଛି । ଏହା ମଧ୍ୟରୁ ୩୦୨ଟି ମାମଲାରେ ଚାର୍ଜସିଟ ଦାଖଲ କରାଯାଇଛି । ୧୫୮୩ଟି ମାମଲାରେ ତଦନ୍ତକାରୀ ଅଧିକାରୀ କ୍ଲୋଜର ରିପୋର୍ଟ ମଧ୍ୟ ଉପସ୍ଥାପନ କରିଛନ୍ତି ।

ମୋଦୀଙ୍କ ଜନ୍ମଦିନରେ ରାହୁଲ-ଖଡ଼ଗେଙ୍କ ସମେତ ନବୀନ ମଧ୍ୟ ଜଣାଇଲେ ଶୁଭକାମନା

ନୂଆଦିଲ୍ଲୀ, ୧୭/୯(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସର ଜାତୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ସହ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରିଛନ୍ତି । ରାହୁଲ ଗାନ୍ଧୀ 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା । ସେ ମୋଦୀଙ୍କ ଭଲ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା । ଈଶ୍ୱର ତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ । ଏନସିପି-ଏସପି ସାଂସଦ ସୁପ୍ରିୟା ସୁଲେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି । ସେ ଲେଖିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା । ଆଗାମୀ ବର୍ଷଟି ତାଙ୍କ ପାଇଁ ସୁସ୍ୱାସ୍ଥ୍ୟପୂର୍ଣ୍ଣ ହେଉ । ବହୁଜନ ସମାଜ ପାର୍ଟି (ବିଏସପି) ସୁପ୍ରିମୋ ମାୟାବତୀ 'ଏକ୍ସ'ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ୭୬ତମ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ସେ ମୋଦୀଙ୍କ ସୁସ୍ଥ ଜୀବନ କାମନା କରିଛନ୍ତି । ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନଫରେନ୍ସ ନେତା ଓମାର ଅବଦୁଲ୍ଲା ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି । ସେ ମୋଦୀଙ୍କ ଭଲ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି । ସେହିପରି ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ତେବେ ତାଙ୍କ ପୋଷ୍ଟରେ ଦିଲ୍ଲୀର ଭୋଟର ତାଲିକାକୁ ନେଇ ଏକ ରାଜନୈତିକ ଟିପ୍ପଣୀ ମଧ୍ୟ ରହିଛି । କେଜ୍ରିୱାଲ ଭୋଟର ତାଲିକାରେ ବଡ଼ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ କରି ଏହାକୁ ନେଇ ମୋଦୀଙ୍କୁ ଟାର୍ଗେଟ କରିଛନ୍ତି । ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କ ଭଲ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରିଛନ୍ତି । ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das